CMYK

- Vol.- 45, Issue No. 74
- Saturday, 14 June 2025
- ଶନିବାର, ୧୪ ଜୁନ୍ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ସାରା ବିଶ୍ୱକୁ ସ୍ତବ୍ଧ କରିଛି ବିମାନ ଦୁର୍ଘଟଣା: ମୋଦି

- ଆହତଙ୍କୁ ଭେଟିଲେ, ବଞ୍ଚିଥିବା ଏକମାତ୍ର ଯାତ୍ରୀଙ୍କ ସହ କଥା ହେଲେ
- ବିମାନ ଦୁର୍ଘଟଣା ସ୍ଥଳରେ ଏନ୍ଆଇଏ ଟିମ

ନୂଆଦିଲ୍ଲୀ, ୧୩।୬: ଗୁରୁବାର ଅପରାହ୍ଣରେ ଅହମଦାବାଦରେ ଏ-୧ /୧୭୧ ବିମାନ ଉଡ଼ାଣ ଭରିବାର ମାତ୍ର ଦୁଇ ମିନିଟ୍ ମଧ୍ୟରେ ଏହା ଦୁର୍ଘଟଣାଗସ୍ତ ହୋଇଥିଲା । ଶୁକ୍ରବାରବି ଘଟଣାସ୍ଥଳରେ ଦୁର୍ଘଟଣାର ଭୟାବହତା ଦେଖିବାକୁ ମିଳିଛି । ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସାରା ବିଶ୍ୱକୁ ସ୍ତବ୍ଧ କରିଛି ଏହି ବିମାନ ଦୁର୍ଘଟଣା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ହସ୍ପିଟାଲରେ ପହଞ୍ଚି ସେ ଆହତଙ୍କୁ ବି ଭେଟିଛନ୍ତି । ଏହା ସହ ବଞ୍ଚିଥିବା ଏକମାତ୍ର ଯାତ୍ରୀ ରମେଶ ବିଶ୍ୱାସ କୁମାରଙ୍କୁ ଯାଇ ଭେଟିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ବର୍ତ୍ତଯାଇଥିବା ବ୍ୟକ୍ତି ହସ୍ପିଟାଲ ବେଡରେ ଶୋଇ ବଖାଣିଥିଲେ ମୃତ୍ୟୁକୁ କେମିତି ଛୁଇଁଥିଲେ । କାହାଣୀ ଶୁଣାଇ କହିଥିଲେ ଯେ ରନୱେରେ ବିମାନଟି ଗତି ବଢ଼ାଇବା ମାତ୍ରେ ସେ କିଛି ଅଜବ ଅନୁଭବ କରିଥିଲେ । ହଠାତ୍ ୫-୧୦ ସେକେଣ୍ଡ ପାଇଁ ସବୁକିଛି ବନ୍ଦ ହୋଇଗଲା । ଚାରିଆଡେ ନୀରବତା, ଚାରିଆଡ ଆଲୋକିତ ହୋଇପଡିଥିଲା । ଏପରି ଲାଗୁଥିଲା ଯେପରି ପାଇଲଟ୍ ଉଡ଼ାଣ ପାଇଁ ତାଙ୍କର ସମସ୍ତ ପ୍ରୟାସ କରିଥିଲେ । ତା'ପରେ କ'ଣ ହେଲା, ସିଧାସଳଖ ହଷ୍ଟେଲ କୋଠାରେ ଧକ୍କା ହୋଇଥିଲା । ପ୍ରଧାନମନ୍ତ୍ରୀ ସ୍ଥିତି ପରଖିବା ପରେ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ବିମାନ ଦୁର୍ଘଟଣାସ୍ଥଳରେ ଅହମ୍ମଦାବାଦରେ ଏନଆଇଏ ଟିମ ତଦନ୍ତରେ ସହଯୋଗ ପାଇଁ ପହଞ୍ଚି ପରିଦର୍ଶନ କରିଛି। ଅନ୍ୟ କେନ୍ଦ୍ରୀୟ ଏଜେନ୍ସି ମଧ୍ୟ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।



## ସବୁ ବୋଇଂର ହେବ ସୁରକ୍ଷା ଯାଞ୍ଚ

### ଜୁନ୍ ୧୫ରୁ ଲାଗୁ ହେବ

ନୂଆଦିଲ୍ଲୀ, ୧୩।୬: ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ( ଡିଜିସିଏ) ଏକ ବଡ଼ ନିଷ୍ପତ୍ତି ନେଇଛି । ଏୟାର ଇଣ୍ଡିଆର ବୋଇଂ ୭୮୭-୮/୯ ୟୁନିଟର ତଦନ୍ତ ପାଇଁ ଆଦେଶ ଦେଇଛି । ଡିଜିସିଏ ନିର୍ଦ୍ଦେଶ ଅନୁସାରେ ଫ୍ୟୁଏଲ୍ ପାରାମିଟର ସିଷ୍ଟମର ତଦନ୍ତ କରାଯିବ । ବିମାନର ସୁରକ୍ଷାର ସମସ୍ତ ମାନଦଣ୍ଡ ଯାଞ୍ଚ କରାଯିବ । ଏହା ଜୁନ୍ ୧୫ରୁ ଲାଗୁ ହେବ । ଏଥିରେ ଟେକ୍ଅଫ୍ ମାନଦଣ୍ଡ ମଧ୍ୟ ଯାଞ୍ଚ କରାଯିବ । ଜୁନ ୧୨ରେ ଏୟାର ଇଣ୍ଡିଆର ଫ୍ଲାଇଟ୍ ଏଏଲ୍-୧୭୧ ଦୁର୍ଘଟଣାର ଶିକାର ହୋଇଛି । ଭବିଷ୍ୟତରେ ଏପରି ଅଘଟଣ ଯେପରି ନ ଘଟିବ, ସେଥିପାଇଁ ଡିଜିସିଏ ଏୟାର ଇଣ୍ଡିଆକୁ ସମ୍ବନ୍ଧିତ ଅଞ୍ଚଳିକ ଡିଜିସିଏ କାର୍ଯ୍ୟାଳୟ ସହ ସମନ୍ୱୟରେ ତୁରନ୍ତ ଜେନଏକ୍ସ ଇଞ୍ଜିନ ଥିବା ବି ୭୮୭-୮/୯ ବିମାନର ଅଧିକ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଛି । ତଦନ୍ତର ଦାୟିତ୍ୱ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋକୁ ହସ୍ତାନ୍ତର କରାଯାଇଛି ।

### ନାରୀଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ଆସନ୍ତା ୪ବର୍ଷ ମହିଳାଙ୍କ ପାଇଁ ସୁବର୍ଣ୍ଣଯୁଗ

କଟକ, ୧୩।୬(ନିପ୍ର): ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଓଡ଼ିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା ଆୟୋଜିତ ସମାବେଶର ଏକମାତ୍ର ଉଦ୍ଦେଶ୍ୟ । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ଏହା କହିଛନ୍ତି। ସେ କହଛନ୍ତି ଯେ,ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ। ଐତିହାସିକ ସହର କଟକ ଠାରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡ଼ିଶାର ମାଆ ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ ନିଶ୍ଚିତ। ନାରୀ ମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆସନ୍ତା ୪ ବର୍ଷ ଓଡ଼ିଶାର ମହିଳାମାନଙ୍କ ପାଇଁ ହେବ ସୁବର୍ଣ୍ଣଯୁଗ । ଯେହେତୁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି ତେଣୁ ଚଳିତ ବର୍ଷ



- ଖୁବଶୀଘ୍ର ଲାଗୁହେବ ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନା
- ନାରୀଙ୍କୁ ସମ୍ମାନ ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା
- ସୁଭଦ୍ରା ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ
- ପ୍ରତି ପରିବାରରୁ ଜଣେ ଲକ୍ଷପତି ଦିଦି ସୃଷ୍ଟି କରିବୁ: ପ୍ରଭାତୀ ପରିଡ଼ା

ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩ ହଜାର୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି । ୩ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩ଶହ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ରାଜ୍ୟର କୌଣସି ଗରିବ ବ୍ୟକ୍ତି ନିଜ ଝିଅ ବାହାଘର ଲାଗି ଆଉ ବୋଝ ମୁଣ୍ଡାଇବ ନାହିଁ । ସେମାନଙ୍କର ଦାୟିତ୍ୱ ବହନ କରିବେ ରାଜ୍ୟ ସରକାର । ସେହି ଉଦ୍ଦେଶ୍ୟରେ ଖୁବଶୀଘ୍ର ଲାଗୁହେବ ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନା । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ଆମେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରୁଛୁ। ଏହି ଅବସରରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ସୁଭଦ୍ରା ସହାୟତା ଓ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ବର୍ଷରେ ଆମେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କୋଟିପତି ଦିଦି ସୃଷ୍ଟି କରିବୁ। ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳ ସ୍ତରରୁ ରାଜ୍ୟ ସ୍ତରର ବିଭିନ୍ନ ଲିଖିତ ଓ ଫଟୋଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ୍ ମୁଖ୍ୟମନ୍ତ୍ରୀ ଓ ସମସ୍ତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହିତ ମହିଳା ସଶକ୍ତିକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

## ୩୮୭୮.୮୬ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରି

### ୧୦ ହଜାର ୫୮୪ ନିଯୁକ୍ତି ସୃଷ୍ଟି ହେବ



ଭୁବନେଶ୍ୱର, ୧୩।୬ (ନିପ୍ର): ରାଜ୍ୟ ସରକାର ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ୧୭ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ରାଜ୍ୟରେ ୩୮୭୮.୮୬ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରି ମିଳିଛି। ୧୧ଟି ଜିଲ୍ଲାରେ ୧୭ଟି ପ୍ରକଳ୍ପ ନିର୍ମାଣ ହେବ। ଫଳରେ ୧୦ ହଜାର ୫୮୪ ନିଯୁକ୍ତି ସୃଷ୍ଟି ହେବ। ପ୍ଲାଷ୍ଟିକ, ଟେକ୍ସଟାଇଲ, ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ହେବ। ରାଜ୍ୟରେ ବେକାରି ସଂଖ୍ୟା ବଢିବାରେ ଲାଗିଛି। ଆବଶ୍ୟକତା ଅନୁସାରେ କଳକାରଖାନା ଓ ଶିଳ୍ପର ଅଭାବ ଦେଖାଯାଇଛି। ଯୁବପିଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ କଳକାରଖାନା ଗଢ଼ି ଉଠିଲେ ଯୁବପିଢ଼ିଙ୍କୁ ରୋଜଗାର ମିଳିପାରିବ। ବାହାର ରାଜ୍ୟକୁ ଯାଇ ସେଠାକାର ମାଲିକମାନଙ୍କଠାରୁ ଓଡ଼ିଆ ଯୁବକଯୁବତୀଙ୍କୁ ନିର୍ଯ୍ୟାତନାର ଶିକାର ହେବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ୩୮୭୮.୮୬ କୋଟିର ପୁଞ୍ଜି ନିବେଶ କାର୍ଯ୍ୟରେ ପରିଣତ ହେଲେ ଯୁବପିଢ଼ି ଉପକୃତ ହେବେ ବୋଲି ଆଶା କରାଯାଉଛି। ୧୧ଟି ଜିଲ୍ଲାରେ ୧୭ଟି ପ୍ରକଳ୍ପରୁ ଖୋର୍ଦ୍ଧାରେ ୫ଟି, କଟକରେ ୨ଟି, ଯାଜପୁର, ପୁରୀ, ସମ୍ବଲପୁର, ବଲାଙ୍ଗିର, ବୌଦ୍ଧ, ବାଲେଶ୍ୱର, ଜଗତସିଂହପୁର, ଅନୁଗୁଳ, ସୁନ୍ଦରଗଡ଼ରେ ଗୋଟିଏ ଲେଖାଏଁ ପ୍ରକଳ୍ପ ହେବ।

## ଗୃହରକ୍ଷୀଙ୍କ ଭତ୍ତା ବଢ଼ିଲା

ଭୁବନେଶ୍ୱର, ୧୩।୬: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ-ଅପ ଭତ୍ତା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦୈନିକ ଡ୍ୟୁଟି କଲ-ଅପ୍ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ।

## ଯାଜପୁର ଝାଡ଼ାବାନ୍ତି ସ୍ଥିତି: ଚିହ୍ନଟ ହେଲା କଲେରା ପଜିଟିଭ୍

ଯାଜପୁର, ୧୩।୬: ଯାଜପୁର ଜିଲାରେ ଝାଡ଼ାବାନ୍ତି ଆତଙ୍କକୁ ନେଇ ଜିଲାରେ ଛୁଟି ବାତିଲ କରାଯାଇଛି । ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ୧୪ ତାରିଖରୁ ୧୬ ତାରିଖ ଯାଏଁ ଛୁଟି ବାତିଲ ହୋଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଦିଆଯାଇଥିବା ଛୁଟି ମଧ୍ୟ ବାତିଲ ହୋଇଛି । ସମସ୍ତ ସରକାରୀ ଅଫିସ ଖୋଲା ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି । ଝାଡ଼ାବାନ୍ତିରେ ଆଉ ୨ ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି । ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ଟପିଯାଇଥିବା ବେଳେ ଦାନଗଦି ଓ ଧର୍ମଶାଳାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ସଚିବ ଆଶ୍ୱଥି ଏସ ଯାଜପୁର ଜିଲା ଗସ୍ତକରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାରେ ବ୍ୟାପୁଥିବା ଡାଏରିଆରର କାରଣ ଖୋଜିବା ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଇଛି। ଏଥିରେ ଆଇଡିଏସପିର ଇଭେଣ୍ଟ୍ ଡାଇରେକ୍ଟର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କର୍ମକର୍ତ୍ତା ଓ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ସୂଚନା ଅନୁଯାୟୀ ଯାଜପୁରରୁ ୪୧ ନମୁନା ସଂଗ୍ରହ କରାଯାଇଥିଲା । ସେଥିରୁ ୮ଟିରେ କଲେରା ପଜିଟିଭ୍ ଚିହ୍ନଟ କରାଯାଇଛି।



# ଯୁଦ୍ଧ ଆଁ'ରେ ମଧ୍ୟପ୍ରାଚ୍ୟ

- ନତାଞ୍ଜ ଆଣବିକ କେନ୍ଦ୍ରକୁ କ୍ଷେପଣାସ୍ତ୍ର ମାଡ଼
- ଜବାବ ଦେବା ପାଇଁ ୧୦୦ରୁ ଅଧିକ ଡ୍ରୋନ ଆକ୍ରମଣ
- ଇସ୍ରାଏଲ ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କଲା
- ମୁସାଭି ଇରାନର ନୂଆ ସାମରିକ ମୁଖ୍ୟ ନିଯୁକ୍ତ



ନୂଆଦିଲ୍ଲୀ/ତେହେରାନ, ୧୩।୬: ଇରାନ ଉପରେ ଇସ୍ରାଏଲ ଆକ୍ରମଣ କରିଛି । ଶୁକ୍ରବାର ଭୋରରୁ ଏହି ଆକ୍ରମଣ ଏବେ ବି ଜାରି ରହିଛି। ଇରାନର ପ୍ରମୁଖ ଆଣବିକ ସ୍ଥାନଗୁଡ଼ିକରେ ଇସ୍ରାଏଲ ଆକ୍ରମଣ କରୁଥିବା ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ନତାଞ୍ଜ ଆଣବିକ କେନ୍ଦ୍ରକୁ ଗୋଟିଏ ମିସାଇଲ ମାଡ଼ କରାଯାଇଛି। ଆକ୍ରମଣରେ ଇରାନ ନିଜର ସେନା ମୁଖ୍ୟଙ୍କ ସମେତ ଏକାଧିକ ବୈଜ୍ଞାନିକ ଓ ବରିଷ୍ଠ କମାଣ୍ଡରଙ୍କୁ ହରାଇଛି। ଇରାନ ମଧ୍ୟ ଇସ୍ରାଏଲକୁ ଜବାବ ଦେବା ପାଇଁ ୧୦୦ରୁ ଅଧିକ ଡ୍ରୋନ ମାଡ଼ କରିଛି। ଅବଶ୍ୟ ଇସ୍ରାଏଲ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ନଷ୍ଟ କରି ଦେଇଛି। କିନ୍ତୁ ଇରାନ ପ୍ରତିଶୋଧ ନେବ ବୋଲି ଘୋଷଣା କରିଛି। ଏୟାର ଷ୍ଟ୍ରାଇକରେ ଇରାନ ତା'ର ୩ ପ୍ରମୁଖ ଶକ୍ତିଶାଳୀ ଅଧିକାରୀଙ୍କୁ ହରାଇଛି । ଏହା ସହ ଜଡ଼ିତ ୬ ଜଣ ବୈଜ୍ଞାନିକଙ୍କୁ ମଧ୍ୟ ଇସ୍ରାଏଲ ହତ୍ୟା କରିଛି। ଇରାନ ସଶସ୍ତ୍ର ବାହିନୀର ନୂତନ ଚିଫ୍ ଅଫ୍ ଷ୍ଟାଫ୍ ଭାବରେ ଅବଦୋଲରହିମ୍ ମୁସାଭି ନିଯୁକ୍ତି ପାଇଛନ୍ତି । ତାବ୍ରିଜ ଏୟାର ପୋର୍ଟରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି ।

DADLS-31



ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526

# ବରଷକେ ଥରେ ଆସିଛି ରଜ...



‘ ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ । ଧରିତ୍ରୀ ମାତାର ପୂଜାର୍ଚ୍ଚନା ନିମନ୍ତେ ଉଦ୍ଦିଷ୍ଟ ଏହି ତିନି ଦିନର ରଜପର୍ବ ସମୁଦାୟ ପାଂଚଦିନ (ରଜ ସଂକ୍ରାନ୍ତିର ପୂର୍ବ ଦୁଇଦିନ ଓ ପରବର୍ତ୍ତୀ ଦୁଇଦିନ)ର କର୍ମବିଧି ପରମ୍ପରା ରହିଥାଏ । ପାଂଚଦିନ ମଧ୍ୟରୁ ପ୍ରଥମ ଦିବସକୁ ‘ସଜବାଜ’ କୁହାଯାଏ । ’

ଓଡ଼ିଶାର ଜାତୀୟ ପର୍ବ ରଜ । ବସୁଧା, ପ୍ରକୃତି ମାତାକୁ ପୂଜା କରିବାର ମହାର୍ଘ୍ୟ ପରମ୍ପରା ରଜ । କୃଷିଭିତିକ ସାମାଜିକ ଚଳଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋରଞ୍ଜନର ଆସର ରଜ । ଉତ୍କଳୀୟ ସଂସ୍କୃତିର ଆନନ୍ଦ ଉଲ୍ଲାସ, ସର୍ବାଧିକ ଲୋକପ୍ରିୟ ଓ ବୈଶିଷ୍ଟ୍ୟମୟ ଅବସର ରଜ । ରଜପାନ, ପୋଡ଼ପିଠା, ରଜଦୋଳି ଏବଂ



ଭ୍ରମଣର ପ୍ରିୟପର୍ବ ରଜ । ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ । ଧରିତ୍ରୀ ମାତାର ପୂଜାର୍ଚ୍ଚନା ନିମନ୍ତେ ଉଦ୍ଦିଷ୍ଟ ଏହି ତିନି ଦିନର ରଜପର୍ବ ସମୁଦାୟ ପାଂଚଦିନ (ରଜ ସଂକ୍ରାନ୍ତିର ପୂର୍ବ ଦୁଇଦିନ ଓ ପରବର୍ତୀ ଦୁଇଦିନ)ର କର୍ମବିଧି ପରମ୍ପରା ରହିଥାଏ । ପାଂଚଦିନ ମଧ୍ୟରୁ ପ୍ରଥମ ଦିବସକୁ ‘ସଜବାଜ’ କୁହାଯାଏ । ଏହି ଦିନ ଘରଦ୍ୱାର ପରିଷ୍କାର, କୃଷି କର୍ମରେ ବ୍ୟବହୃତ ଉପକରଣ ସଫା କରିବା, ନୂତନ ବସ୍ତ୍ର କିଣିବା, ପିଲାମାନଙ୍କ ପାଇଁ ଦୋଳି ଲଗାଇବା, ପୋଡ଼ପିଠା ଓ ଅନ୍ୟ ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ପ୍ରସ୍ତୁତି ହୋଇଥାଏ । ଜ୍ୟେଷ୍ଠମାସର ଶେଷଦିନ ବା ମାସାନ୍ତକୁ ‘ପହିଲି ରଜ’ କୁହାଯାଏ । ତା ପରଦିନ ‘ରଜ ସଂକ୍ରାନ୍ତି’ । ଏହା ଆଷାଢ଼ ମାସର ପ୍ରଥମ ଦିବସ । ସଂକ୍ରାନ୍ତି ପରଦିନ ‘ଶେଷ ରଜ’ ବା ‘ଭୂଇଁ ନହଣ’ ପାଳିତ ହୋଇଥାଏ । ଏହିଦିନ ଭୂଇଁକୁ ଖୋଳିବା ନିଷିଦ୍ଧ । ଶେଷରେ ଆଷାଢ଼ ମାସର ତୃତୀୟ ଦିନ ‘ବସୁମତୀ ସ୍ନାନ’ ଅନୁଷ୍ଠିତ ହୋଇଥାଏ । ଏହା ଅତି ଗୁରୁତ୍ୱପୂର୍ଣ୍ଣ ବାର୍ତା ବହନ କରିଥାଏ । ଗ୍ରୀଷ୍ମ ଶେଷରେ ମୌସୁମୀ ବାୟୁର ଆଗମନ ପରେ ଆଦ୍ୟ ଆଷାଢ଼ରେ ଧରିତ୍ରୀ ରଜସ୍ୱଳା ହୋଇଥାଏ । ଆଷାଢ଼ ମାସରେ ସାଧାରଣତଃ ବର୍ଷାର ଆଗମନ ହୋଇଥାଏ । ଶୁଷ୍କ ଭୂମିରେ ବର୍ଷାର ପ୍ରଥମ ଅସରା ପଡ଼ିବା ମାତ୍ରେ ଏକ ପ୍ରଜନନ ଶକ୍ତି ଜାତ ହୁଏ । ସେଥିପାଇଁ ଏହି ସମୟରେ ବସୁଧା ରାଣୀକୁ ରଜସ୍ୱଳା ମହିଳା ସହିତ ତୁଳନା କରାଯାଏ । ରଜରେ କୁମାରୀ କନ୍ୟାମାନେ ରଜସ୍ୱଳା ନାରୀର କର୍ତବ୍ୟ ସମ୍ପାଦନ ପାଇଁ ଗୁରୁଜନ ଶ୍ରେଣୀର ମହିଳାଙ୍କ ଠାରୁ ତାଲିମ୍ ପାଆନ୍ତି । ଭୂଇଁରେ ଚାଲନ୍ତି ନାହିଁ କିମ୍ବା ତିନିଦିନ ପର୍ଯ୍ୟନ୍ତ ସ୍ନାନ କରନ୍ତି ନାହିଁ । ଲୁଣ ଖାଆନ୍ତି ନାହିଁ । ପିଠା ଓ ଫଳମୂଳ ଖାଇ ରହନ୍ତି । ପୂର୍ବରୁ ପୋଡ଼ପିଠା ପ୍ରସ୍ତୁତ ହୋଇ ରହିଥାଏ । ଚାଉଳ, ନଡ଼ିଆ, ଗୁଡ଼ ସହିତ ଅଦା, ଜୁଆଣି ଆଦି ମସଲା ସଂଯୋଗରେ ପ୍ରସ୍ତୁତ ପୋଡ଼ପିଠା ବେଶ୍ ସୁସ୍ୱାଦୁ ଓ ଉପାଦେୟ । ଆମ ସଂସ୍କୃତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଏହି ପୋଡ଼ପିଠା ପ୍ରତିଦିନ ଭୋଗ ହେବାର ପରମ୍ପରା ରହିଆସିଛି । ଏଥିସହ ରଜରେ ପୁରଦିଆ ରଜମଣ୍ଡା, ରଜକାକରା, ରଜଏଣ୍ଡୁରୀ, ରଜଆରିଶା ଆଦି ପ୍ରସ୍ତୁତ ହୋଇଥାଏ ।





## ରଜରେ ପାନଖିଆ
## ପୁରୁଣା ଓଡ଼ିଆ ପରମ୍ପରା

ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ’ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛ’ଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ଼ କରିବ । ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ । ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ ଓ ଖଇର ଦାନ୍ତକୁ ମଜଭୁତ କରିଥାଏ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୁଦ୍ଧି ବିନାଶିନୀ । ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗୀ, ଚଉଭଙ୍ଗୀ ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର ।

# କାହିଁକି ଅଣସର ବେଳେ ଅଲାରନାଥଙ୍କୁ ଦର୍ଶନ କରନ୍ତି ଶ୍ରଦ୍ଧାଳୁ

ମହାପ୍ରଭୁଙ୍କ ଲୀଳା ଅପାର । ମାନବୀୟ ଲୀଳା ରଚିଥାଆନ୍ତି ପ୍ରଭୁ । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡିରେ ଶୋଇଛନ୍ତି ମହାପ୍ରଭୁ । ଦଇତା ସେବାୟତମାନେ ଦାରୁ ଦିଅଁଙ୍କ ଗୁପ୍ତ ଉପଚାର କରୁଛନ୍ତି । ଏଣେ ଶ୍ରୀମନ୍ଦିର ରତ୍ନସିଂହାସନରେ କଳାସାଆନ୍ତେଙ୍କ ଦର୍ଶନ ନ ପାଇ ପୁରୀ ବ୍ରହ୍ମଗିରିର ଅଲାରନାଥଙ୍କ ପୀଠରେ ଭିଡ ଜମାଉଛନ୍ତି ଶ୍ରଦ୍ଧାଳୁ । ତେବେ କ’ଣ ରହିଛି ପ୍ରଭୁ ଅଲାରନାଥଙ୍କ ପୀଠର ମାହାତ୍ମ୍ୟ ? ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଅଲାରନାଥ । ବିଶ୍ୱାସ ରହିଛି ଅଣସର ସମୟରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସମ ଫଳ ମିଳିଥାଏ । ସବୁଦିନ ଦର୍ଶନର ପୂଣ୍ୟ ଏକ ଦିନ ଅଲାରନାଥଙ୍କ ଦର୍ଶନ । ଏଥିପାଇଁ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କ ପୀଠ ଏବେ ଚଳଚଞ୍ଚଳ । ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ସୁଅ ଛୁଟୁଛି ପ୍ରଭୁଙ୍କ ପୀଠକୁ । ଅଲାରନାଥ ମନ୍ଦିର ପୁରୀ ଜିଲ୍ଲାର ବ୍ରହ୍ମଗିରି ଠାରେ ଅବସ୍ଥିତ ବିଷ୍ଣୁଙ୍କର ଏକ ମନ୍ଦିର । ଅଲାରନାଥଙ୍କୁ ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ଭାବେ ବିଶ୍ୱାସ କରାଯାଏ । ତାଙ୍କର ବିଗ୍ରହମୂର୍ତ୍ତି କଳାମୁଗୁନି ପଥରରେ ନିର୍ମିତ । ମୂର୍ତ୍ତି ଚାରିପାଖେ ତୋରଣ ଅଛି । ତୋରଣ ତଳେ ପାର୍ଶ୍ୱଦେବୀ, ଭୂଦେବୀ, ବିଦ୍ୟମାନ କରୁଛନ୍ତି । ପଦଯୁଗ ତଳେ ଗରୁଡ ପ୍ରାର୍ଥନାରତ ଅଛନ୍ତି । ପ୍ରଭୁଙ୍କ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ରଚିହ୍ନ । ନିମ୍ନ ବାମ ହସ୍ତରେ ଗଦା ଓ ଡାହାଣ ହସ୍ତରେ ପଦ୍ମ ଚିହ୍ନ ଅଛି । ଏଣୁ ଶ୍ରୀ ଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ କୁହାଯାଏ । ତେବେ ମହାପ୍ରଭୁଙ୍କ ଦେବସ୍ନାନ ପରେ ଶ୍ରୀଜିଉମାନେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ଅଣସରର ତାଳଡାଟି ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୂଷା କରନ୍ତି । ଏହି ସମୟରେ ଭକ୍ତମାନେ ୧୫ ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ ତେଣୁ ସେମାନେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବାରେ ଯେତିକି ପୁଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ । ଦ୍ୱିତୀୟ ଦିନରେ ଶ୍ରୀ ଅଲାରନାଥଙ୍କ ଅନବସର ଦର୍ଶନରେ ସକାଳୁ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ବର୍ଷକରେ ୩୬୫ ଦିନ ମଧ୍ୟରୁ ୩୫୦ ଦିନ ଜଗନ୍ନାଥଙ୍କୁ ଦର୍ଶନ କରିବା ଯାହା ଅଣସର ସମୟରେ ୧୪ ଦିନ ଭିତରେ ଅଲାରନାଥଙ୍କୁ ଦର୍ଶନ କରିବା ସମାନ ବୋଲି ଭକ୍ତ ମନରେ ବିଶ୍ୱାସ ନେଇ ଛୁଟି ଆସିଥାନ୍ତି ଅଲାରନାଥ ପୀଠକୁ ଭକ୍ତ । ଏହି ୧୪ ଦିନ ବ୍ରହ୍ମଗିରି ଅଲାରନାଥ ପୀଠ ପଲଟିଯାଏ ଦ୍ୱିତୀୟ ଶ୍ରୀକ୍ଷେତ୍ର । ପ୍ରଭୁ ଅଲାରନାଥ ଖିରି ଖାଇବାକୁ ବେଶ ଭଲ ପାଆନ୍ତି । ଏହି ଅଣସର ସମୟରେ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଖିରୀ ଭୋଗ କରିଥାନ୍ତି ।





## ଇଚ୍ଛା ପୂରଣ କରନ୍ତି ସେ..

ମନ ଚିହ୍ନୁଥିବା ମହାପ୍ରଭୁଙ୍କ ଗଜାନନ ବେଶ ପଛରେ ମଧ୍ୟ ଏକ ସୁନ୍ଦର କାହାଣୀ ରହିଛି । କିମ୍ବଦନ୍ତି ଅନୁଯାୟୀ ପଂଚଦଶ ଶତାବ୍ଦୀରେ ମରାଠା ମହାଗାଣପତ୍ୟ ସଂପ୍ରଦାୟର ବ୍ରାହ୍ମଣ ପଣ୍ଡିତ ଶ୍ରୀ ଗଣପତି ଭଟ୍ଟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସିଥିଲେ । ସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେ ଦର୍ଶନ କଲେ ସତ କିନ୍ତୁ ତାଙ୍କ ମନ ବୁଝିଲା ନାହିଁ । ମନେ ମନେ ସେ ମହାବାହୁଙ୍କୁ ସ୍ମରଣ କରି କହିଥିଲେ ‘ମୁଁ ମୋର ଆରାଧ୍ୟ ଦେବତାଙ୍କ ବେଶରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲି । ହେଲେ ତାହା ହେଲା ନାହିଁ ।’ ଗଣପତି ଭଟ୍ଟ ମହାପ୍ରଭୁଙ୍କୁ ଗଣପତି ବେଶରେ ଦେଖିବାକୁ ଚାହୁଁଥିଲେ । ଦୁଃଖରେ ଫେରିଯାଉଥିବା ବେଳେ ତାଙ୍କୁ ଶୂନ୍ୟବାଣୀ ହେଲା ଏବଂ ପରେ ସେହି ଦିନଠାରୁ ହିଁ ମହାପ୍ରଭୁ ଜଗନ୍ନାଥ କୃଷ୍ଣ ଗଣପତି ରୂପରେ ଓ ପ୍ରଭୁ ବଳଭଦ୍ର ଧବଳ ଗଣପତି ରୂପରେ ଦର୍ଶନ ଦେଇ ଆସୁଛନ୍ତି । ସେହି ଦିନଠାରୁ ଶ୍ରୀ ଗଣପତି ଭଟ୍ଟଙ୍କ ‘ ଗଣପତି ବେଶ’ ସ୍ମାରକୀ ସ୍ୱରୂପ ଏହି ବେଶ ହୋଇଆସୁଛି । ଏହି ଦିନ ମହାସ୍ନାନ ହେବା ପରେ ବଡ଼ଠାକୁରଙ୍କ ପାଖରେ ଭୋଗ ଲାଗି ହୋଇଥାଏ । ଏହାପରେ ଦର୍ଶନ ପାଇଁ ସର୍ବସାଧାରଣଙ୍କୁ ଅନୁମତି ଦିଆଯାଏ । ତେବେ ଆଜି ମଧ୍ୟ ଠାକୁରଙ୍କ ପାଖରେ ମହାରାଜା ଦିବ୍ୟସିଂହ ଦେବ ଛେରା ପହଁରା କରିବାର ବିଧି ରହିଛି । ମହାପ୍ରଭୁଙ୍କ ମାନବୀୟ ଲୀଳାର ପ୍ରାରମ୍ଭ ସ୍ନାନ ଯାତ୍ରାଠାରୁ ହିଁ ହୋଇଥାଏ । ପରମ୍ପରା ଅନୁସାରେ ଶ୍ରୀଜିଉ ସ୍ନାନଯାତ୍ରା ପରଠାରୁ ରୋଗାକ୍ରାନ୍ତ ହୁଅନ୍ତି । ରାଜ ବୈଦ୍ୟଙ୍କ ତଦାରଖରେ ମହାପ୍ରଭୁଙ୍କୁ ସୁସ୍ଥ ହେବା ପାଇଁ ଗୋଟିଏ କୋଠରୀରେ ରଖାଯାଏ ଯାହାକୁ ‘ଅଣସର’ ବୋଲି କୁହାଯାଏ । ତେବେ ଅଣସର ସମୟରେ ମହାବାହୁଙ୍କୁ ଭକ୍ତ ଦର୍ଶନ କରିପାରିବେ ନାହିଁ। ଏହି ସମୟରେ ଭକ୍ତଙ୍କ ଦର୍ଶନ ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ପଟିଦିଅଁ ପଟ୍ଟଚିତ୍ରକୁ ପୂଜା କରାଯାଏ ।



# ବଶିଷ୍ଠଙ୍କ ଉଦାରତା

ଋଷି ବିଶ୍ୱାମିତ୍ର ପ୍ରଥମେ ଜଣେ ରାଜା ଥିଲେ ଏବଂ ପରେ ସେ ବ୍ରହ୍ମର୍ଷି ପଦ ପ୍ରାପ୍ତି କରିବା ଲାଗି ତପସ୍ୟା କରିଥିଲେ। କିନ୍ତୁ ଏହି ପଦ ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରୁନଥିବାରୁ ବିଶ୍ୱାମିତ୍ରଙ୍କୁ ଋଷି ବଶିଷ୍ଠ ବ୍ରହ୍ମର୍ଷି ପଦ ଦେଇନଥିଲେ। ଏଥିଯୋଗୁ କ୍ରୋଧିତ ଋଷି ବିଶ୍ୱାମିତ୍ର ବଶିଷ୍ଠଙ୍କ ୧୦୦ ପୁତ୍ରଙ୍କୁ ହତ୍ୟା କରିଥିଲେ । ଏହି ଘଟଣାର ଅନେକ ଦିନ ପରେ ଦିନେ ବ୍ରହ୍ମର୍ଷି ବଶିଷ୍ଠ ପତ୍ନୀ ଅରୁନ୍ଧତୀଙ୍କୁ କହିଲେ, ଦେବୀ ! ଋଷି ବିଶ୍ୱାମିତ୍ରଙ୍କ ଆଶ୍ରମରୁ ଲୁଣ ମାଗି ଆଣ। ଅରୁନ୍ଧତୀ କହିଲେ, ଆପଣ କିଭଳି ଏପରି ଆଜ୍ଞା ଦେଉଛନ୍ତି ସ୍ୱାମୀ ? ଯିଏ ମୋର ଶହେ ପୁତ୍ରଙ୍କ ବଧ କରିଛି, ତାଙ୍କରି ଆଶ୍ରମରୁ ଲୁଣ ଆଣିବା ଲାଗି କହୁଛନ୍ତି ? ଋଷି ବଶିଷ୍ଠ କହିଲେ ଦେବୀ, ବିଶ୍ୱାମିତ୍ର ଅତ୍ୟନ୍ତ ଉଦାର ଋଷି । ଅରୁନ୍ଧତୀ କହିଲେ, ଯଦି ତୁମେ ଋଷି ବିଶ୍ୱାମିତ୍ରଙ୍କୁ ଏତେ ଭଲ ପାଉଛ, ତା’ହେଲେ ଥରେ ତାଙ୍କୁ ‘ବ୍ରହ୍ମର୍ଷି’ କହି ଦେଇଥିଲେ ଆମକୁ ଶତପୁତ୍ରଙ୍କୁ ହରାଇବାକୁ ପଡ଼ିନଥାନ୍ତା। ଅନ୍ୟପଟେ ଋଷି ବିଶ୍ୱାମିତ୍ର, ବଶିଷ୍ଠଙ୍କ କୁଡ଼ିଆ ପାଖରେ ଛିଡ଼ା ହୋଇ ଏହି କଥୋପକଥନ ଶୁଣୁଥିଲେ । ସେ ତୁରନ୍ତ ଚାଲି ଆସି ବଶିଷ୍ଠଙ୍କ ପାଦ ତଳେ ପଡ଼ିଗଲେ । ସେ ବିଶ୍ୱାମିତ୍ରଙ୍କୁ କ୍ଷମା ପ୍ରାର୍ଥନା କଲେ। ବଶିଷ୍ଠ କହିଲେ, ଉଠ ବ୍ରହ୍ମର୍ଷି, ଉଠ । ଆଜି ତୁମେ ବ୍ରହ୍ମର୍ଷି ପଦ ପ୍ରାପ୍ତ କରି ସାରିଛ । ତୁମ ମନର ସମସ୍ତ କଳୁଷତା ଦୂର ହୋଇ ସାରିଛି । କୁହ କ’ଣ ଚାହୁଁଛ । ବିଶ୍ୱାମିତ୍ର ବ୍ରହ୍ମବିଦ୍ୟାର ଉପଦେଶ ମାଗିଲେ । ବଶିଷ୍ଠ ଏଥିପାଇଁ ଶେଷନାଗଙ୍କ ନିକଟକୁ ଯିବା ଲାଗି ବିଶ୍ୱାମିତ୍ରଙ୍କୁ ପରାମର୍ଶ ଦେଲେ । ବିଶ୍ୱାମିତ୍ର ଅନନ୍ତଦେବ ଶେଷନାଗଙ୍କ ନିକଟରେ ପହଞ୍ଚିଲେ । ଶେଷ ନାଗ ସର୍ତ୍ତ ରଖିଲେ ଯେ ପୃଥିବୀର ଭାର ଉଠାଇବା ଲାଗି । ବିଶ୍ୱାମିତ୍ର ନିଜ ତପଶକ୍ତି ବଳରେ ପୃଥିବୀର ଭାର ଉଠାଇବାକୁ ଚାହିଁଲେ । ମାତ୍ର ପାରିଲେ ନାହିଁ । ଶେଷନାଗ କହିଲେ, ତପସ୍ୟାର ଶକ୍ତି ଯଥେଷ୍ଟ ନୁହେଁ । କେବେ ସାଧୁ ସଙ୍ଗ କରିଛ ? ବିଶ୍ୱାମିତ୍ର ଋଷି ବଶିଷ୍ଠଙ୍କ ସହ ସଂଗତିର ପୁଣ୍ୟଫଳ ଦେବାକୁ ପ୍ରସ୍ତୁତ ହୋଇଗଲେ । ଏଥର ସେ ପୃଥିବୀର ଭାର ଉଠାଇବାକୁ ସକ୍ଷମ ହେଲେ । ଶେଷନାଗ କହିଲେ ଯେଉଁ ବ୍ୟକ୍ତିର ମାତ୍ର କିଛି କ୍ଷଣ ସଂଗତି ଦ୍ୱାରା ତୁମେ ପୃଥିବୀକୁ ଧାରଣ କରିବା ଲାଗି ସକ୍ଷମ ହୋଇପାରିଲ।



# ଆଦୌ ଖାଆନ୍ତୁ ନାହିଁ ଜଙ୍କଫୁଡ୍

ସବୁ ସୁଆଦିଆ ଖାଦ୍ୟ ପାଟି ପାଇଁ ଭଲ ହୋଇଥାଉ ପଛେ ଶରୀର ପାଇଁ କିନ୍ତୁ ଭଲ ହୋଇ ନଥାଏ। ଅନେକ ଖାଦ୍ୟ ଅଛି ଯାହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ। ଯକୃତ ହେଉଛି ଶରୀରର ଏକ ପ୍ରମୁଖ ଅଙ୍ଗ । ଯକୃତ ହିଁ ଶରୀରର ସବୁ କ୍ରିୟାକୁ ସନ୍ତୁଳିତ କରି ରଖିଥାଏ । ଆମ ଶରୀରର ୪୦୦ ରୁ ଅଧିକ କାମ କରିଥାଏ ଯକୃତ । ଶରୀରର ସନ୍ତୁଳନ ରଖିବା କାମ ଯକୃତ ହିଁ କରିଥାଏ । କିଡନିର ସବୁଠାରୁ ମହତ୍ୱପୂର୍ଣ୍ଣ କାମ ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରି ରକ୍ତକୁ ପରିଷ୍କାର କରିଥାଏ । ଯଦି ନିଜ ଯକୃତକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ଜଙ୍କ୍ ଫୁଡ୍ ଆଦୌ ବି ଖାଆନ୍ତୁ ନାହିଁ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାର ଜଙ୍କ୍ ଫୁଡ୍ ଯକୃତକୁ ଖରାପ କରିବା ପାଇଁ ଯଥେଷ୍ଟ । ଆଜିର ସମୟରେ ଲୋକମାନେ ମାଂସ ଖାଇବାକୁ ଖୁବ୍ ପସନ୍ଦ କରନ୍ତି । ଭାରତରେ ଶାକାହାରୀଙ୍କ ଠାରୁ ଅଧିକ ମାଂସାହାରୀ ଅଛନ୍ତି । କିନ୍ତୁ ଯଦି ତେବେ ଏହା ଆପଣଙ୍କ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇପାରେ । ଏହା ମଧ୍ୟ ଯକୃତ ଖରାପର ଅନ୍ୟତମ କାରଣ। ଅଧିକାଂଶ ଲୋକ ଧୂମପାନ କରିବାକୁ ମଧ୍ୟ ଖୁବ୍ ଭଲ ପାଆନ୍ତି । କିନ୍ତୁ ଧୂମପାନ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ ଯାହା ଯକୃତକୁ ଅକାମୀ କରିଦିଏ । ବର୍ତ୍ତମାନ ଲୋକଙ୍କର ଫାଷ୍ଟଫୁଡ୍ ଖାଇବା ଅଧିକ ପସନ୍ଦ । କିନ୍ତୁ ଏହି ଫାଷ୍ଟଫୁଡ୍ ଯେ ଶରୀର ପାଇଁ କେତେ କ୍ଷତିକାରକ ଏବେ ନହେଲେ ପରେ ନିଶ୍ଚିତ ଜାଣିପାରିବେ । କିନ୍ତୁ ସେତେବେଳେ ଜାଣିଲା ବେଳକୁ ବହୁତ ବିଳମ୍ବ ହୋଇଯାଇଥିବ । ଆଜିକାଲିର ସମୟରେ ସମସ୍ତେ ଜଲଦି ଜଲଦି ହୋଇ ନିଜ ସ୍ୱାସ୍ଥ୍ୟକୁ ଅବହେଳା କରୁଛନ୍ତି । ତେବେ ଆପଣଙ୍କ ଏହି ଅବହେଳା ଯେ ଶରୀରକୁ ଖରାପ କରିଦେବ ଏହା ପ୍ରତି କେହି ସଜାଗ ନାହାନ୍ତି ।



# ପ୍ରହସନରେ ପରିଣତ ହେଲା ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା

## ଅବ୍ୟବସ୍ଥା ସହିତ ପୁରସ୍କାର ରାଶି ନ ପାଇ ଫେରିଲେ ସୁଭଦ୍ରା ମାଆ !

ଡେରାବିଶ,(ନିପ୍ର ): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକ୍ ସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ପରିପ୍ରେକ୍ଷୀରେ ଡେରାବିଶ ବ୍ଲକ ମିଶନ ଶକ୍ତି ପକ୍ଷରୁ ଏହି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୧୩ ଟି ମିଶନ ଶକ୍ତି ଗ୍ରୁପର ମହିଳା ମାନେ ଯୋଗଦେଇଥିବା ବେଳେ ବ୍ୟାପକ ଅବ୍ୟବସ୍ଥା ହେବାରୁ ଏହା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୯୦ ହଜାର ଟଙ୍କା ବ୍ୟୟବରାଦ ବ୍ୟବସ୍ଥା ଥିବା ବେଳେ ଏହି ଅର୍ଥକୁ ହରିଲୁଟ କରିବା ପାଇଁ ମସୁଧା କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ବିଭିନ୍ନ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ରୁପର ମହିଳା ମାନଙ୍କୁ ସମସ୍ତ ସରଞ୍ଜାମ ଯୋଗାଇବା କଥା । ଫଳରେ ମହିଳାମାନେ ନିଜେ ଖାଦ୍ୟ ପ୍ରସ୍ତୁତି କରି ଉକ୍ତ ସ୍ଥାନରେ ପ୍ରଦର୍ଶିତ କରିପାରିବେ । ମାତ୍ର ଏହା ଦେଖିବାକୁ ମିଳିନଥିବା ବେଳେ କେତେକ ମହିଳା ଗୋଷ୍ଠୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ପ୍ରତିଯୋଗିତା ସ୍ଥଳରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିଥିବା ବେଳେ ଆଉ କିଛି ମହିଳା ଗୋଷ୍ଠୀ ଘରେ ପ୍ରସ୍ତୁତ କରିବା ସହିତ ବଜାରରୁ ମଧ୍ୟ ବହୁ ସାମଗ୍ରୀ କ୍ରୟ କରି ଏହି ପ୍ରତିଯୋଗିତାରେ ପ୍ରଦର୍ଶିତ କରିଥିବା ଜଣାଯାଇଛି । ଫଳରେ ଏହି କାର୍ଯ୍ୟକ୍ରମର ଅସଲ ଉଦ୍ଦେଶ୍ୟ ପୂରଣ ହୋଇପାରି ନ ଥିବା ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମତ ପ୍ରକାଶ କରିଛନ୍ତି । ଏହି ଖାଦ୍ୟ ପ୍ରଦର୍ଶନୀକୁ ବ୍ଲକ ପ୍ରଶାସନ ପକ୍ଷରୁ ବାଧ ବାଧକତାରେ କରାଯାଇଥିବା



ଜଣେ କର୍ମଚାରୀ ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ସରକାର ସ୍ୱତନ୍ତ୍ର ଭାବେ ଅର୍ଥ ବରାଦ କରିଥିଲେ ମଧ୍ୟ ଅତି ଗୋପନୀୟ ଭାବେ ବ୍ଲକ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବା କେତେ ଦୂର ସମୀଚୀନ ବୋଲି ପ୍ରଶ୍ନ କରିଛନ୍ତି କିଛି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା । ତେବେ ଏହି କାର୍ଯ୍ୟକ୍ରମରେ ୧୩ ଗୋଟି ଗ୍ରୁପ ମଧ୍ୟରୁ ଗୋଲରାହାଟ ପଞ୍ଚାୟତର ଦଧିବାମନଜୀଉ ଉତ୍ପାଦକ ଗୋଷ୍ଠୀ ପ୍ରଥମ ଓ କୁଶିଆପାଳ ପଞ୍ଚାୟତ ମହାବୀର ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଘୋଷଣା କରାଯାଇଥିବା ବେଳେ ବିନା ଆର୍ଥିକ ପୁରସ୍କାର ରାଶିରେ କେବଳ ପ୍ରମାଣପତ୍ର ସହିତ ସମସ୍ତଙ୍କୁ ବିଦା କରାଯାଇଥିବା ମହିଳାମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ, ମଣ୍ଡଳ ଉନ୍ନୟନ ଅଧିକାରିଣୀ ନମିତା ବାରିକ,ମଙ୍ଗଳ ସଂପ୍ରସାରଣ ଅଧିକାରିଣୀ ରଶ୍ମି ଦେବୀ, ଶିଶୁ ବିକାଶ ଯୋଜନା ଅଧିକାରିଣୀ ହରପ୍ରିୟା ଦେବୀ, ବ୍ଲକ ପ୍ରକଳ୍ପ ସଂଯୋଜିକା ବିଜୟଲକ୍ଷ୍ମୀ ବେହେରା ଓ ବ୍ଲକ ପ୍ରକଳ୍ପ ପରିଚାଳକ ଅମିୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରୁ ସେ ଜିଲ୍ଲା କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବ୍ୟସ୍ତଥିବା କହି ଏହା ମିଶନ ଶକ୍ତିର କାର୍ଯ୍ୟକ୍ରମ ବୋଲି ପ୍ରତିକ୍ରିୟା ରଖିଥିବା ବେଳେ ବ୍ଲକ ପ୍ରକଳ୍ପ ସଂଯୋଜିକା ବିଜୟଲକ୍ଷ୍ମୀ ବେହେରାଙ୍କୁ ପଚାରିବାରୁ ଏହି କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ବ୍ଲକ ପ୍ରଶାସନର ବୋଲି ପ୍ରତିକ୍ରିୟା ରଖିଥିଲେ । ତେବେ ମହିଳା ମାନେ ପ୍ରସ୍ତୁତ କରିଥିବା ଖାଦ୍ୟ ଅଧିକାରୀମାନଙ୍କୁ ଖୁଆଇ ନିରାଶରେ ଘରକୁ ଫେରିବା ମାଆମାନଙ୍କ ପ୍ରତି ଏହା ଏକ ଉପହାସ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ମାଣିତରାରେ ମାଗଣା ଚକ୍ଷୁ ଓ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବୁଗୁଡ଼ା,(ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ପଞ୍ଚାୟତ ଅଫିସ୍ ଠାରେ ଜୁନ୍ ୧୧ ତାରିଖ ବୁଧବାର ମାଗଣା ସ୍ୱାସ୍ଥ୍ୟସେବା ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ତ୍ରିସାନ ହସ୍ପିଟାଲ ଡକ୍ଟର ସୁରଜ କୁମାର ପାତ୍ର, କିଓର୍ ବେ ଇ-କ୍ଲିନିକ୍ ସି ବି ଏମ୍ ଯୋଗେଶ୍ୱର ଦାଶଙ୍କ ଦ୍ୱାରା ରାସନ କାର୍ଡଧାରୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା । ୨୦




ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୨୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଚକ୍ଷୁ ପରଳ ହୋଇଥିବା ଚିହ୍ନଟ କରି ସାରିବା ପରେ ଚିକିତ୍ସା ପାଇଁ ବ୍ରହ୍ମପୁରର ତ୍ରିସାନ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା କରାଯାଇଥିଲା । ଏହି ଶିବିର ସମାଜ ସେବୀ ଜଗନ୍ନାଥ ଖଟୁଆ, ଜଗନ୍ନାଥ ଟ୍ରଷ୍ଟ ଏବଂ କିଓରବେ ଇ-କ୍ଲିନିକ୍ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ମାଣିତରା ପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଶରତ ଖଟୁଆ, ରଙ୍କ ଖଟୁଆ, ଶମ୍ଭୁ ଖଟୁଆ, ଗଙ୍ଗାସାହୁ, ସନଜ ଜେନା, ରସ୍ମିତା ରଣା, ବାଳକୃଷ୍ଣ ପ୍ରଧାନ, ମଙ୍ଗୁଲୁ ଡାକୁଆ ପ୍ରମୁଖ ଯୋଗଦେଇ ଏହି ଶିବିରର ପରିଚାଳନା ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଟକ,(ନିପ୍ର): ଛାତ୍ରଛାତ୍ରୀ ଓ ପରୀକ୍ଷାର୍ଥୀଙ୍କ ପାଇଁ ବସ୍ ଓ ଟ୍ରେନ ଭଡ଼ା ଛାଡ଼ ଦାବିରେ ଗୁରୁବାର କଟକ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ଦିନକୁ ଦିନ ବଜାର ଦର ବଢୁଥିବାବେଳେ ଅଭିଭାବକମାନଙ୍କ ରୋଜଗାର କମି ଯାଉଛି । ସୁତରାଂ ଛାତ୍ରଛାତ୍ରୀମାନଙ୍କ ପଢ଼ା ଖର୍ଚ୍ଚ ବହନ କରିବା ଅଭିଭାବକ ନିକଟରେ କଷ୍ଟକର ହୋଇପଡୁଛି । ଫଳରେ ଛାତ୍ରଛାତ୍ରୀମାନେ ଟ୍ରେନ ଓ ବସ୍ ଭଡ଼ା ଦେବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀ ଓ ପରୀକ୍ଷାର୍ଥୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରୀ ବସ୍ ଓ ଟ୍ରେନ ଭଡ଼ା ସଂପୂର୍ଣ୍ଣ ଛାଡ଼ ଓ ଘରୋଇ ସଂସ୍ଥାରେ ୫୦ ପ୍ରତିଶତ ରିହାତି କରାଯିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିପ୍ଳବ ଶିଳାଦିତ୍ୟ, ମନୋଜ ବିଶ୍ୱାଳ, ରାମଚନ୍ଦ୍ର ଗୋଛାୟତ, ଆଶୁତୋଷ ବରାଳ, ଶିବ ଅଗ୍ରୱାଲ, ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଚମ୍ପୁଆ,(ନିପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ବଡନଇ ପଂଚାୟତର ବଡନଇ ଗାଁରେ ଗତ ରାତି ନିଜ ପିନ୍ଧା ଶାଢୀରେ ଫାଶି ଲଗାଇ ଜଣେ ବିବାହିତ ମହିଳା ଅତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଚମ୍ପୁଆ ପୋଲିସ ଅପମୃତ୍ୟୁ ମାମଲା କେଶ ନଂ ୨୬/୨୫ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ ବଡନଇ ଗ୍ରାମର ପ୍ରଭାତ ଲୋହାର ତାଙ୍କ ସ୍ତ୍ରୀ ସୁମିତ୍ରା ଲୋହାର ଘରେ ଶୋଇଥିବା ବେଳେ ମଧ୍ୟରାତ୍ରୀରେ ପ୍ରଭାତ ଲୋହାରଙ୍କ ନିଦ ଭାଙ୍ଗିବାରୁ ପାଖରେ ସ୍ତ୍ରୀ ନ ଥିବା ଦେଖି ଘର ବାହାରକୁ ଆସିଥିଲେ । ମାତ୍ର ସ୍ତ୍ରୀକୁ ପାଇନଥିଲେ । ଘରେ ଥିବା ପୁଅକୁ ଡାକି ଘର ପଛପଟ ବାଡିରେ ଖୋଜାଖୋଜି ପରେ ବାଡିରେ ଥିବା ଏକ ପୁରୁଣା କୋଳି ଗଛରେ ସୁମିତ୍ରା ଲୋହାର ବେକରେ ଫାଶି ଲଗାଇ ଝୁଲୁଥିବାର ଦେଖିବାକୁ ପାଇଥିଲେ । ଏ ନେଇ ପୋଲିସକୁ ଖବର ଦେବା ପରେ ପୋଲିସ ପକ୍ଷରୁ ଶବ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

## ଖବର ପ୍ରସାରଣ ପରେ ଆକ୍ସନ ମୁଡରେ ହିଞ୍ଜିଳି ରାଜସ୍ୱ ବିଭାଗ

# ୭ ବାଲି ବୋଝେଇ ହାଇୱା ଥାନାରେ ଅଟକ

ହିଞ୍ଜିଳିକାଟୁ,(ନିପ୍ର): ଗତ କିଛିଦିନ ଧରି ହିଞ୍ଜିଳିକାଟୁ, ଶେରଗଡ ଓ ଆସିକା ଅଞ୍ଚଳର ଘୋଡାହାଡ, ବାଘୁଆ, ଋଷିକୂଲ୍ୟା ଓ ବଡନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳିଛି । ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସ୍ଥାନୀୟ ପୁଲିସ ଓ ରାଜସ୍ୱ ବିଭାଗୀୟ ପ୍ରଶାସନ ଚେଇଁ ଉଠିଛି । ବୁଧବାର ଭୋରରେ ହିଞ୍ଜିଳି ପୁଲିସ ସ୍ଥାନୀୟ ଥାନା ସିକିରି ନିକଟସ୍ଥ ଋଷିକୂଲ୍ୟା ନଦୀରୁ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ଅତର୍କିତ ଚଢ଼ାଉ କରି ୭ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା । ଗୁରୁବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ରାଜସ୍ୱ ବିଭାଗ ମଧ୍ୟ ଅତର୍କିତ ଚଢ଼ାଉ କରିଛି । ଆସିକା ନିକଟସ୍ଥ ଋଷିକୂଲ୍ୟା ନଦୀରୁ ବାଲି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳିକାଟୁ ରାଜସ୍ୱ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଥାନା ଶ୍ୟାମଳାଇ ଛକ ନିକଟରେ ଚଢ଼ାଉ କରିଛି । ଚଢାଉ ସମୟରେ ୭ଟି ବାଲି ବୋଝେଇ ହାଇୱା(ଓଡି଼ ୧ଟି ୬୪୭୧, ଓଡ଼ି୦୭ଏୱାଇ ୬୭୪୮, ଓଡ଼ି୦୨ସିଜି ୫୧୨୪, ଓଡ଼ି୩୨କେ ୦୭୮୦, ଓଡ଼ି୦୨ସିୟୁ ୧୭୧୨, ଓଡ଼ି୦୨ସିଜେଡ୍ ୯୦୨୮, ଓଡ଼ି୦୨ ସିଜେଡ ୯୦୪୬)କୁ ହିଞ୍ଜିଳି ଥାନାରେ ଅଟକ ରଖିଛି । ବିନା ଟ୍ରାଞ୍ଜିଟ୍ ଫର୍ମ ଓ ନିର୍ଦ୍ଧାରିତ ଠାରୁ ଅଧିକ ପରିମାଣରେ ବାଲି ବୋଝେଇ କରି ଚାଲାଣ



ଅଭିଯୋଗରେ ସଂପୃକ୍ତ ହାଇୱା ଗୁଡିକୁ ହିଞ୍ଜିଳି ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି । ଏ ନେଇ ହିଞ୍ଜିଳିକାଟୁ ତହସିଲଦାରଙ୍କୁ ପଚାରିବାରୁ ସେ କୁହନ୍ତି ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରକାଶ ଥାଉକି, ଘୋଡାହାଡ, ଋଷିକୂଲ୍ୟା, ବାଘୁଆ ଓ ବଡନଦୀରୁ ବାଲି ମାଫିଆ ମାନେ କିଛି ପ୍ରଶାସନିକ ଅଧିକାରୀମାନଙ୍କ ସହ ସଫାସୁତୁରା କରି ରାତିଅଧିଆ ଶହ ଶହ ହାଇୱା, ଟିପ୍ପର ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରୁଥିବା ନିତିଦିନିଆ ଘଟଣା ପାଲଟିଛି । ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ଯୋଗୁଁ ନଦୀ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ନଦୀ ଉପକୂଳବର୍ତ୍ତୀ ଗ୍ରାମବାସୀ ଅଭିଯୋଗ କଲେ ବାଲି ମାଫିଆ ମାନେ ଅସାମାଜିକ ବ୍ୟକ୍ତିମାନଙ୍କ ଜରିଆରେ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି । ଏପରିକି ଗତ ୩ ଦିନ ପୂର୍ବେ ସିକିରି ନିକଟସ୍ଥ ଋଷିକୂଲ୍ୟା ନଦୀରୁ ବେଆଇନ ବାଲି ଚାଲାଣକୁ କେନ୍ଦ୍ର କରି ଜଣେଇବେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଆହତ ଯୁବକ ଜଣଙ୍କ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଜଣାପଡିଛି । ସଂପୃକ୍ତ ଘଟଣା ସମ୍ପର୍କରେ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ ।

# ଚମ୍ପୁଆ ବ୍ଲକରେ ଶୁଭାରମ୍ଭ ହେଲା ବିକାଶ ବାହନ

ଚମ୍ପୁଆ,(ନିପ୍ର): ରାଜ୍ୟରେ ମୋହନ ଚରଣ ମାଝିଙ୍କ ସରକାରକୁ ୧ ବର୍ଷ ପୂରଣ ହୋଇଛି । ଏହି ଏକ ବର୍ଷ ପୂର୍ତ୍ତିର ସଫଳତା ଅବସରରେ ବିକାଶର ବାର୍ତ୍ତା ବହନ କରି ଆରମ୍ଭ ହୋଇଛି ବିକାଶ ବାହାନ ଯାତ୍ରା । ଏହି ବିକାଶ ବାହାନ ସରକାରଙ୍କ ବିକାଶର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ରାଜ୍ୟ ସରକାରଙ୍କର ବହୁବିଧ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବ ବୋଲି ଜଣାଯାଇଛି । ଏହି ପରିପ୍ରେକ୍ଷୀରେ ଚମ୍ପୁଆ ବ୍ଲକ ପରିସରରେ ଚମ୍ପୁଆ ବିଡିଓ ସ୍ମୃତି ରଂଜନ ସାହୁଙ୍କ ତତ୍ତ୍ୱାବଧାନରେ ତଥା ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ବିଡିଓ ଚୁନୁ ହାଁସଦା, ବ୍ଲକ ଅଧକ୍ଷ ସୁରେଶ ନାଏକ,ଜିଲାପରିଷଦ ସଦସ୍ୟ, ସମସ୍ତ ସରପଂଚ, ସମିତି ସଭ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହି ବିକାଶ ବାହନର ଶୁଭାରମ୍ଭ କରାଯାଇଥିଲା । ଲୋକଙ୍କ ସେବାରେ ସମର୍ପିତ ଏହି ସରକାର ଓଡିଶାକୁ ଶିଳ୍ପ ଅଭିବୃଦ୍ଧି ଓ ଆର୍ଥିକ ସମୃଦ୍ଧି କରିବା ଲକ୍ଷ୍ୟ ନେଇ ହସ୍ତଶିଳ୍ପ ଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପାୟନ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଏହି ବିକାଶ ବାହନ ଚମ୍ପୁଆ ବ୍ଲକରୁ ବାହାରି ପ୍ରଥମେ ଜାମୁଦଲକ କାର୍ଯ୍ୟାଳୟରେ ପହଂଚିଥିଲା । ସେଠାରେ ଅନ୍ତୋଦୟ ଗୃହ ଯୋଜନା, ସରକାରୀ ଚିକିତ୍ସା ସେବା ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ଖାଉଟି କାର୍ଡ ଯୋଜନା, କୃଷି ଅଭିବୃଦ୍ଧି ଯୋଜନାର ବିଭିନ୍ନ ହିତାଧିକାରୀଙ୍କୁ କାର୍ଡ ବଂଟନ କରାଯିବା ସହ ଏହି ବିକାଶ ବାହନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏବିଡିଓ ଚୁନୁ ହାଂସଦା ଓ ସରପଂଚ ଅଂଜନ ଓରାମ ଉପସ୍ଥିତ ପଂଚାୟତବାସୀଙ୍କୁ ଅବଗତ କରିଥିଲେ ।



## କୃଷ୍ଣପ୍ରସାଦରେ ପ୍ରହସନ ପାଲଟିଛି ୧୦୮ ଆମ୍ବୁଲାନ୍ସ ସେବା




କୃଷ୍ଣପ୍ରସାଦ,୧୨।୬(ନିପ୍ର): ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଆମ୍ବୁଲାନ୍ସର ସହାୟତା ନେଉଥିବା ବେଳେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନରେ ପରିଣତ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁଯାୟୀ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ମାତ୍ର ଉକ୍ତ ଆମ୍ବୁଲାନ୍ସଟି ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଆନୁସଙ୍ଗିକ ସେବା ଯୋଗାଇ ଦେବାରେ ବିଫଳ ହୋଇଛି । ଆମ୍ବୁଲାନ୍ସରେ ଅକ୍ସିଜେନ ରହୁନଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ରୋଗୀ ମାନଙ୍କୁ ନେବା ଆଣିବା କରିବାରେ ସମସ୍ୟା ସୃଷ୍ଟି ହେଉଛି । ସେହିପରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସର୍ବଦା ନିଆଯାଉଥିବା ବେଳେ ଆମ୍ବୁଲାନ୍ସରେ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଆମ୍ବୁଲାନ୍ସ ଭିତର ନିୟମିତ ଭାବେ ସଫା ହେଉନଥିବା ଅଭିଯୋଗ ହେଉଛି । ଫଳରେ ଜରୁରୀକାଳୀନ ପରିସ୍ଥିତିରେ ଉପଯୁକ୍ତ ଆମ୍ବୁଲାନ୍ସ ସେବା ପାଇବାରୁ କୃଷ୍ଣପ୍ରସାଦ ଅଞ୍ଚଳ ବାସିନ୍ଦା ବଞ୍ଚିତ ହେଉଥିବା ଜଣାପଡିଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ, ବ୍ରହ୍ମଗିରି ବିଧାୟିକା ଏଥିପ୍ରତି ଦୃଷ୍ଟିଦେଇ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ୪୨ହଜାର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯାଇଛି

କଟକ,(ନିପ୍ର): ଆସନ୍ତା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠିତ ହେବାକୁ ଯାଉଛି । ଏଥିପାଇଁ ଭିତ୍ତିଭୂମିଗୁଡ଼ିକୁ ସୁଦୃଢ଼ କରାଯାଉଛି । ବିଜେପିର କେନ୍ଦ୍ରରେ ୧୧ବର୍ଷ ଶାସନ ଏବଂ ରାଜ୍ୟରେ ୧ବର୍ଷ ଶାସନ କାଳରେ ସୁଶାସନ, ଗରିବ କଲ୍ୟାଣ ଯୋଜନା ଏବଂ ଆତ୍ମ ନିର୍ଭରଶୀଳ ପାଇଁ ଉଦ୍ୟମ ଜାରି ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ଫଳରେ ଦେଶ ତଥା ରାଜ୍ୟରେ ଅମୃତ ଯୁଗ ଆରମ୍ଭ ହୋଇଯାଇଛି । ବିଜେପିର ୧୧ବର୍ଷ ଶାସନ ଏବଂ ରାଜ୍ୟରେ ଏକ ବର୍ଷ ସୁଶାସନର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଆତ୍ମନିର୍ଭରଶୀଳ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ୪୨ହଜାର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯାଇଛି । ରାସ୍ତାଘାଟଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ବିକାଶ ଜାରି ରହିଛି । କେନ୍ଦ୍ରରେ ବିଜେପି ସରକାରଙ୍କର ୧୧ବର୍ଷ ଏବଂ ରାଜ୍ୟର ଏକ ବର୍ଷ ସୁଶାସନର ଏକ ଫର୍ଦ୍ଦ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନା କରିଥିଲେ ।

## ବିକାଶ ବାହନ କାର୍ଯ୍ୟକ୍ରମର ଶୁଭାରମ୍ଭ

ହିଞ୍ଜିଳିକାଟୁ,(ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଠନର ୧ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସ୍ତରୀୟ ବିକାଶ ବାହାନ ଯାତ୍ରା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁବାର ଉଦଘାଟନ କରିଛନ୍ତି । ଏହି କ୍ରମରେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ସଂଯୋଜନାରେ ବିକାଶ ବାହନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଆସିକା ସାଂସଦଙ୍କ ପ୍ରତିନିଧି ଶିଶିର ମିଶ୍ର ଯୋଗଦେଇ ଗେରୁଆ ପତକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ରାଜ୍ୟରେ ବିଜେପି ସରକାର ଗଠନର ୧ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ବହୁ ଜନ କଲ୍ୟାଣକାରୀ ଯୋଜନା ଓ ସରକାର ଦେଇଥିବା କଥା ପୁରଣ କରିବାରେ ସକ୍ଷମ ହୋଇଛନ୍ତି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ହିଞ୍ଜିଳି ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ବ୍ଲକ ଉପାଧକ୍ଷ ସୁନିଲ ଗନ୍ତାୟତ, ସନ୍ତୋଷ ପାଣିଗ୍ରାହୀ, ସୁଧାଂଶୁ ସାବତ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଗୁରୁବାର




ପୂର୍ବାହ୍ନରେ ସ୍ଥାନୀୟ ବ୍ଲକ ପୋଚିଲିମା ଓ ଅପରାହ୍ନରେ ସାରୁ ପଞ୍ଚାୟତରେ ରଥ ପରିଭ୍ରମଣ କରିଥିଲା । ଆଗାମୀ ୧୦ ଦିନରେ ସ୍ଥାନୀୟ ବ୍ଲକର ସମସ୍ତ ପଞ୍ଚାୟତ ରଥ ପରିଭ୍ରମଣ କରିବା ସହ ୨୧ ତାରିଖରେ ଉଦଯାପିତ ହେବ । କାର୍ଯ୍ୟକ୍ରମରେ ସିଡିପିଓ ଗାଙ୍ଗୀ ସୁବୁଦ୍ଧି, ଅବକାରୀ ସହ ନିରୀକ୍ଷକ ସୁମିତ୍ରା ବିଶି, ସହକାରୀ ଉପ ନିରୀକ୍ଷକ ସୁଶାନ୍ତ କୁମାର ବେହେରା,ସହକାରୀ ଯନ୍ତ୍ରୀ ପ୍ରସନ୍ନ ଦଳେଇ, ସିପି ଦଣ୍ଡପାଣି ଦାଶଙ୍କ ସମେତ ସମ୍ମାନିତ ଶିଶୁ ବିକାଶ ପ୍ରକଳ୍ପ, ଅବକାରୀ, ପଞ୍ଚାୟତ ସମିତି କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ବହୁ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।

## ରେଳପଥ ନିର୍ମାଣ ଦାବି : ସଚେତନତା ରଥ ଗଡ଼ିଲା

ବ୍ରହ୍ମପୁର,(ନିପ୍ର):ଗୋପାଳପୁର -ସମ୍ବଲପୁର(ରେଢ଼ାଖୋଲ) ରେଳପଥ ନିର୍ମାଣ ଦାବିରେ ସଚେତନତା ରଥ ପରିକ୍ରମା ଓ ଅବହେଳିତ ଦକ୍ଷିଣ ଓଡିଶାର ବିକାଶର ବାର୍ତ୍ତା ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଚାର କରି ପ୍ରସାଶନ ଏବଂ ଶାସନ କଳରେ ବିକାଶର ଦାବି ପହଁଚାଇବା ଅଭିପ୍ରାୟରେ ଯାତ୍ରା ଆରମ୍ଭ କରାଯାଇଛି ।

ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଓ ଅଧିବାସୀ ମାନଙ୍କର ସର୍ବନିମ୍ନ ମୌଳିକ ଆବଶ୍ୟକତା ଆଜିସୁଦ୍ଧା ପୂରଣ ହୋଇ ପରିଲାନାହିଁ । ଭାରତ ସ୍ୱାଧୀନ ହେବାର ପ୍ରାୟ ଅଶିଏ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଦକ୍ଷିଣ ଓଡ଼ିଶାରେ କୌଣସି କ୍ଷେତ୍ରରେ ବିଶେଷ ଉଲ୍ଲେଖନୀୟ ବିକାଶ ହୋଇନାହିଁ ।

ଏହି ପରିପ୍ରେକ୍ଷୀରେ ଦକ୍ଷିଣ ଓଡ଼ିଶା ରେଳପଥ ଓ ସାମୂହିକ ଭିତ୍ତିଭୂମି ଉନ୍ନୟନ ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବିଭିନ୍ନ ଦାବି ପୂରଣକୁ ନେଇ ବାସ୍ତବ କ୍ଷେତ୍ର ରେ ଅନୁସନ୍ଧାନ ଓ ବିଶ୍ଳେଷଣକୁ ଭିତ୍ତି କରି ଦକ୍ଷିଣ ଓଡ଼ିଶାର ଉନ୍ନତିର ପରିମାପ କରାଯାଇ ଷାଠିଏରୁ ଉର୍ଦ୍ଧ୍ୱ ଗଣସଂଗଠନ ମାନଙ୍କ ସହଯୋଗରେ ଦକ୍ଷିଣ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଆଗେଇ ଆସିଛି । ଦକ୍ଷିଣ ଓଡିଶା ରେଳପଥ ଓ ସାମୂହିକ ଭିତ୍ତିଭୂମି ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଗୋପାଳପୁର -ସମ୍ବଲପୁର(ରେଢ଼ାଖୋଲ) ରେଳପଥ ନିର୍ମାଣ ଦାବି ନେଇ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ମହାସମାରୋହରେ ଶୁଭାରମ୍ଭ ହୋଇଛି ଓ ଏହି ଯାତ୍ରା, ଦକ୍ଷିଣ ଓଡିଶା ରେଳପଥ ଓ ସାମୁହିକ ଭିତ୍ତିଭୂମି ବିକାଶ



ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକାଶ ମୂଳକ ଅଭିଯାନ ଭାବେ ଆରମ୍ଭ କରାଯାଇଛି । ଅବହେଳିତ ଦକ୍ଷିଣ ଓଡିଶାର ବିକାଶର ବାର୍ତ୍ତା ଆସନ୍ତା ୧୩ ଓ ୧୪ ଦୁଇଦିନ ବ୍ରହ୍ମପୁର ଠାରୁ, ଫୁଲବାଣୀ ପର୍ଯ୍ୟନ୍ତ ଏବଂ ସମସ୍ତ ଗ୍ରାମ ପଞ୍ଚାୟତ, ସଦର ମହକୁମା, ସହର ତଥା ଜିଲ୍ଲା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଚାର କରି ପ୍ରସାଶନ ଏବଂ ଶାସନ କଳରେ ବିକାଶ ର ଦାବି ପହଁଚାଇବା ଅଭିପ୍ରାୟରେ ଏହି ଯାତ୍ରା ଆରମ୍ଭ କରାଯାଇଛି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପିଚୁରାସ୍ତା ନିର୍ମାଣ ପାଇଁ ଅଭିଭାବକ ମହଲରେ ଦାବି

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଲଇତରା ଗ୍ରାମ ସ୍ଥିତ ମଶାଣିମୁଣ୍ଡା ଗ୍ରାମ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୦୧୬ -୧୭ ମସିହାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଖୋଲା ଯାଇଛି । ଏହି ବିଦ୍ୟାଳୟରେ ଷଷ୍ଠରୁ ପ୍ଲସ -୨ ଯାଏଁ ଖୋଲା ଯାଇଛି । ଏହି ବିଦ୍ୟାଳୟ ରେ ପ୍ରାୟ ୫୦୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି । କେସିଙ୍ଗା ବ୍ଲକର ବହୁ ଦୂରରୁ ବିଭିନ୍ନ ଗ୍ରାମରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ ପାଇଁ ଏହି କଚ୍ଚା ରାସ୍ତା ଦେଇ ଯିବା ଆସିବାକ କରୁଛନ୍ତି । କେସିଙ୍ଗା ବ୍ଲକର ଆଖ ପାଖ ଅଞ୍ଚଳରୁ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ସାଇକେଲ ଯୋଗେ ସ୍କୁଲକୁ ଯାଉଛନ୍ତି । ଅଭିଭାବକମାନେ ନିଜର ମଟର ସାଇକଲରେ ଛୁଆ ।ନଙ୍କୁ ନେବା ଆଣିବା କରିଥାନ୍ତି । ବିଜେଡି ସରକାର ଅମଳରେ ୫ଟି ରୂପାନ୍ତରିତ ଯୋଜନାରେ ସାମିଲ କରାଯାଇ ଅନେକ ବିଲ୍ଡିଂ



ସମେତ ଅନେକ ଭିତ୍ତିଭୂମିର କାର୍ଯ୍ୟ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ବିଲ୍ଡିଂ କାମ ଚାଲୁଥିବା ଦେଖିବାକୁ ମିଳୁଛି ବହୁତ କିଛି ଭିତ୍ତିଭୂମିର ବିକାଶ ହେଉଥିଲେ ମଧ୍ୟ ଦୀର୍ଘ ୮ ବର୍ଷ ପରେ ସୁଦ୍ଧା ଆରଡି ରାସ୍ତା ଠାରୁ ପ୍ରାୟ ଏକରୁ ଦେଢ କିଲୋମିଟର ମାଟି ରାସ୍ତା ରହିଛି । ବର୍ଷା ଋତୁରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯିବା ଆସିବା କରିଥାନ୍ତି । କଚ୍ଚା ହୋଇଥିବାରୁ କାଦୁଅ ପଚ ପଚ ରାସ୍ତାରେ ଅନେକ ସମୟରେ ଛୋଟ ବଡ଼ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି । ଏହି ରାସ୍ତାଦେଇ ଜିଲାପାଳଙ୍କ ସମେତ ବହୁ ଅଧିକାରୀଙ୍କ ସମେତ ସ୍ଥାନୀୟ ଅଧିକାରୀମାନେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିଲେ ମଧ୍ୟ କାହାର ଦୃଷ୍ଟିପଥ ନ ଥିବାରୁ ଦୁଃଖର ବିଷୟ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ବର୍ତ୍ତମାନ ଖରା ଛୁଟି ସରିବାକୁ ବସିଲାଣି ଆଉ କେଇଟା ଦିନ ପରେ ସ୍କୁଲ ଖୋଲିବା ସହିତ ବର୍ଷା ଋତୁ ମଧ୍ୟ ଆରମ୍ଭ ହୋଇଯିବ । ପୁଣି ଯୋଉ ସମସ୍ୟାକୁ ସେହି ସମସ୍ୟା ଉପୁଜିବ । ଛୁଟି ସମୟରେ ରାସ୍ତା କାମ କାହିଁକି କରାଗଲା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ କେବେ ସରକାରଙ୍କ ସୁଦୃଷ୍ଟି ଏହି ଆଦର୍ଶ ବିଦ୍ୟାଳୟର ରାସ୍ତା ଉପରେ ପଡ଼ିବ ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଏ ସଂକ୍ରାନ୍ତରେ ଆର ଡ଼ି ବିଭାଗ ଏସ ଡ଼ି ଓ ଯଯାତି କେଶରୀ ଗଡ଼ନାୟକଙ୍କୁ ପଚାରିବାରୁ ସେହି ରାସ୍ତା ପାଇଁ ସର୍ଭେ କାମ କରାଯିବ । ତା ପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆ ଯିବ, ଅର୍ଥ ମଞ୍ଜୁର ହେଲେ ପିଚୁ କାମ କରାଯିବ ବୋଲି ପ୍ରକାଶ କରିଥିଲେ ।

ତିଥି : (ତୃତୀୟା) : (ଉତ୍ତରାଷାଢା ଧନୁ)
ଅମୃତବେଳା: ଦିବା ଘ୩। ୩୫ ଗତେ ଘ ୬।୫ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ କୃଷ୍ଣ ତୁମର ଯୋଗ ବିଭୂତିର ତତ୍ତ୍ୱ
ଯେତେ ଯେତେ ଶୁଣିଲେ ବି ମନ ନୁହେଁ ତୃପ୍ତ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ତ୍ରୁଟି ରହିଲା କେଉଁଠି ?

ଅହମ୍ମଦାବାଦ ବିମାନ ବନ୍ଦରରୁ ଲଣ୍ଡନ ଅଭିମୁଖେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ (ଫ୍ଲାଇଟ ନଂ ଏ-୧୭୧) ଭୟଙ୍କର ଭାବେ ଦୁର୍ଘଟଣାଗ୍ରସ୍ତ ହେଲା। ଉଡ଼ାଣ ଭରିବାର କିଛି କ୍ଷଣ ପରେ ତଳମୁହାଁ ହୋଇ ବିଜେ ମେଡିକାଲ କଲେଜ ହଷ୍ଟେଲକୁ ଧକ୍କା ଦେଇ ଅଗ୍ନି ପିଣ୍ଡୁଳାରେ ପରିଣତ ହେଲା। ଏଥିରେ ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ସମେତ ୨୬୫ ଜଣଙ୍କ ଜୀବନ ଗଲା। କେବଳ ଡାକ୍ତରୀଙ୍କ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୪ ଜଣ । ଭାରତର ବିମାନ ଉଡାଣ ଇତିହାସରେ ଏହି ଭୟାନକ ଦୁର୍ଘଟଣା କଳାଦିନ ହୋଇରହିବ। ହୃଦୟ ବିଦାରକ ଏହି ଦୁର୍ଘଟଣା, ଏହାର କ୍ଷତି ମଧ୍ୟ ଅପୂରଣୀୟ। ଦୁଇ ଅଭିଜ୍ଞ ପାଇଲଟ ବିମାନଟି ଉଡାଣ କରିବାବେଳେ କାହିଁକି ଦୁର୍ଘଟଣା ଘଟିଲା ସେନେଇ ସମସ୍ତଙ୍କ ମନରେ ପ୍ରଶ୍ନ। କୁହାଯାଉଛି ହଠାତ୍ ଯାନ୍ତ୍ରିକ ତ୍ରୁଟି ଘଟିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି କି ପ୍ରକାର ତାହା ସବିଶେଷ ତଦନ୍ତ ପରେ ଜଣାପଡ଼ିବ। ଆଶ୍ୱାସନାର ବିଷୟ ଯେ ଭାରତୀୟ ସଂସ୍ଥା ଏୟାର କ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ ଏହା ତଦନ୍ତ କରିବାକୁ ସ୍ଥିର ହୋଇଥିବାବେଳେ ଆମେରିକୀୟ ସଂସ୍ଥା ନ୍ୟାସନାଲ ଟ୍ରାନସପୋର୍ଟେସନ ସେଫ୍ଟି ବୋର୍ଡ ଏଥିରେ ସହାୟତା କରିବ। ତଦନ୍ତ ଗୁରୁତ୍ୱପୂର୍ଣ୍ଣ ଏଇଥିପାଇଁ ଯେ କାରଣ ବା କାରଣଗୁଡ଼ିକ ଜଣାପଡ଼ିଲେ ଆଗକୁ ବିମାନ ଉଡାଣ ବେଳେ ସତର୍କତାମୂଳକ ପଦକ୍ଷେପ ନେବାରେ ସହାୟତା କରିବ।

ଦୁର୍ଘଟଣାର କାରଣ ସଂପର୍କରେ ଯାହା ସବୁ ଆଲୋଚନା ହେଉଛି ତାହାକୁ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଛି। ସାଧାରଣତଃ ବିମାନ ସହ ପକ୍ଷୀ ମାଡ଼ ହେବା କ୍ୱଚିତ୍ , ଯେବେ ଏହା ହୁଏ ତାହାର ପରିଣାମ ସାଂଘାତିକ ହୋଇଥାଏ। ୟୁନିଭର୍ସିଟି ଅଫ୍ ପୋର୍ଟସ୍‌ମାଉଥରେ କାର୍ଯ୍ୟରତ ଫ୍ଲୁଇଡ ମେକାନିକ୍ସ ବରିଷ୍ଠ ଅଧ୍ୟାପକ ଡକ୍ଟର ଯାସନନାଇଟ ମତ ରଖନ୍ତି- ଆଲୋଚ୍ୟ ବିମାନଟି ଗୋଟିଏ ଇଂଜିନରେ ଉଡାଣ ଲାଗି ସମର୍ଥ ଥିଲା। ମାତ୍ର ଦୁର୍ଘଟଣା ଘଟିବାର କାରଣ ଯାହା ମନେ ହେଉଛି ଦୁଇଟି ଯାକ ଇଂଜିନ ହଠାତ୍ ଅକାମୀ ହୋଇଗଲା। ଏହା ପଛର କାରଣ ପକ୍ଷୀ ସହ ଧକ୍କା ହୋଇପାରେ। ଯଦି ଦୁର୍ଘଟଣାରୁ ବର୍ତ୍ତିଥିବା ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶଙ୍କ କଥାକୁ ବିଶ୍ୱାସ କରାଯାଏ, ଅଭିଜ୍ଞ ଦୁଇ ପାଇଲଟ କ'ଣ କରିବେ ହଠାତ୍ ଚିନ୍ତା କରିବାକୁ ସମର୍ଥ ହୋଇପାରିନାହାନ୍ତି। ରମେଶଙ୍କ କହିବା କଥା ଉଡାଣର ୩୦ ସେକେଣ୍ଡ ପରେ ହଠାତ୍ ପ୍ରଚଣ୍ଡ ଧ୍ୱନି ଶୁଭିଥିଲା। ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେଲା। ଏହା ଏତେ ଶୀଘ୍ର ଘଟିଲା ଯେ ତାହା ବିଶ୍ୱାସ କରିହୁଏନା। ଯଦି ରମେଶଙ୍କ କହିବା ମୁତାବକ ସେହି ୩୦ ସେକେଣ୍ଡ ସିସିଟିଭି ଫୁଟେଜ ଅନୁଧ୍ୟାନ କରାଯାଏ, ସେଥିରୁ ଜଣାପଡ଼େ ଅଗ୍ନିପିଣ୍ଡୁଳା ସଦୃଶ ବିମାନଟି ଖସିଥିଲା। ବିମାନଟିରୁ ମିଳିଥିଲା ଶେଷ ସିଗ୍ନାଲ ସୂଚନା ଦିଏ ଯେ ଏହା ୬୨୫ ଫୁଟ ଉଚ୍ଚରେ ଥିଲା। ଏବଂ ପ୍ରତି ମିନିଟ୍ ପିଛା ୪୭୫ ଫୁଟ୍ ସିଧାସଳଖ ବେଗରେ ଆକାଶ ମାର୍ଗରୁ ଘଟିଥିଲା। ବିମାନଟିର କକ୍‌ପିଟ୍ ତଳମୁହାଁ ହେବାବେଳେ ଗଛ ଓ ଆପାର୍ଟମେଣ୍ଟର ଗହଳ ଭିତରେ ବିସ୍ଫୋରିତ ହୋଇଥିଲା। ଚାରିଆଡେ କଳା ଧୂଆଁର ଆସ୍ତରଣ ଛାଇ ହୋଇଯାଇଥିଲା। ଦୁର୍ଘଟଣାର ସୁରାକ ପାଇ ପାଇଲଟ ଜରୁରୀକାଳୀନ ସୂଚନା ବା ମେଡେ କଲ୍ କରିଥିଲେ ହେଁ ତାହା କେବଳ ସୂଚନାରେ ହିଁ ସୀମିତ ରହିଗଲା। ଜଣେ ବରିଷ୍ଠ ପାଇଲଟ ଏକ ଅନ୍ତର୍ଜାତୀୟ ସମ୍ବାଦ ସରାବରାହ ସଂସ୍ଥାକୁ ଭିନ୍ନ ମତ ଦେଇଛନ୍ତି। ଅପମିଶ୍ରିତ ଇନ୍ଧନ କାରଣରୁ ଦୁଇଟି ଯାକ ଇଞ୍ଜିନରେ ଅବରୋଧ ସୃଷ୍ଟି ହୋଇଥିଲା ବୋଲି ଅନୁମାନ କରାଯାଉଛି। ଏହି ଅବରୋଧ ଇଞ୍ଜିନ ସଟ୍‌ଡାଉନ୍ ବା ଅଚଳର କାରଣ ହେଲା। ସୁତରାଂ ଏହି ଭିନ୍ନ ମତ ତଦନ୍ତ ପରିସରକୁ ନିଆଯିବା ଲୋଡ଼ା। କାରଣ ଅପମିଶ୍ରିତ ଇନ୍ଧନ ହୋଇଥାଏ ତେବେ ଏହା ପଛରେ ଅନ୍ତର୍ଘାତୀଙ୍କ ସଂପୃକ୍ତି ରହିଛି ବୋଲି କୁହାଯିବ। ଦେବେ ତଦନ୍ତକାରୀ ଟିମ୍ ବ୍ଲକବକ୍ସ ଓ ବିମାନର ଧ୍ୱଂସାବଶେଷ ଟିକିନିଖି ପରୀକ୍ଷାନୀରିକ୍ଷା କରିବେ ପ୍ରକୃତ ସତ୍ୟ ପଦାକୁ ଆସିପାରିବ। ଯାହା ବିମାନ ଉଡାଣ କ୍ଷେତ୍ରରେ ଅଧିକ ସତର୍କତା ଅବଲମ୍ବନ କରିବାରେ ମାର୍ଗ ଦର୍ଶନ କରିବ।

# ମାଟି ଓ ମୌସୁମୀର ମିଳନ ପର୍ବ ରଜ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ରଜ ଓଡ଼ିଶାର ଏକ ବିଶେଷ ପର୍ବ ହେଲେ ହେଁ ଏହା କେବଳ ଝିଅମାନଙ୍କ ପର୍ବ ରୂପେ ପାଳନ କରାଯାଏ । ରାଜା ଜନକ ହଳ ଯୋଚି ଏକ କନ୍ୟାକୁ ଭୂମିରୁ ପାଇଥିବାରୁ ମିଥିଳାବାସୀ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ସ୍ୱୀକୃତି ଦେଇଥିଲେ ବୋଲି ଅନୁମାନ କରାଯାଏ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ ।

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆଦ୍ର ହୋଇ ଉଠେ ପୃଥିବୀ । ଶୀତଳତା ଭରିଯାଏ ସବୁଆଡେ । ଯେମିତିକି ବହୁ ଦିନୁ ପ୍ରତୀକ୍ଷିତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ । ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ । ମାଟି ଓ ମୌସୁମୀର ମିଳନର ପର୍ବ ରଜ । ପୃଥିବୀର ମାତୃତ୍ୱ କାମନା କରି ସୃଷ୍ଟିର ଜୟ ଗୀତଗାନ କରେ କୃଷକ । ଆଦ୍ୟ ଆଷାଢର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇ ଉଠେ ସବୁଆଡେ । ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ। ଦୋଳିରେ ଦୋଳିରେ ଛୁଟେ କୁଆଁରୀଙ୍କ ରଜଗୀତର ଲହରୀ ସ୍ୱର । ପୋଡପିଠା ଖାଇ , ପୁଅମାନଙ୍କ ତାସ ବାଗୁଡି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତାଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବାର ଏଇ ଏକ ଭିନ୍ନ ମଉକା । ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆଦ୍ର ହୋଇଛି ମାଟି । ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି – ଗାଁ ଭୁଇଁ । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା । ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି , ଫେରି ଆସିଥାନ୍ତି ଘରକୁ । ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ କୌତୁକ ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ ।

ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ । ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି । ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି । ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି । ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିତ୍ରରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ ।

ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ



ଏଥିରେ ମଧ୍ୟ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ । ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଆଉ ନାଚଗୀତରେ ପୁଅଝିଅମାନେ ନାଚିଥାନ୍ତି । ବର୍ଷା ହିଁ ସୃଜନ ଓ ଶୃଙ୍ଗାର ଋତୁ। ନବଯୌବନପ୍ରାପ୍ତ ଝିଅଟିଏ ଅନ୍ୟ ଘରକୁ କନିଆଁ ହୋଇଯିବାର ସ୍ୱପ୍ନ ଦେଖେ ଏଇ ରଜ ଅବସରରେ । ସେଥିପାଇଁ ହିଁ ତାର ମନର ଭାବ ପ୍ରକାଶ ଲାଗି ଦୋଳିରେ ଆୟୋଜନ- ନିଆରା ସୁଯୋଗ ହୋଇଥାଏ । ରଜପର୍ବ ପାଞ୍ଚ ଦିନ ଧରି ପାଳନ କରାଯାଏ । ରଜର ପୂର୍ବ ଦିନକୁ ମାସନ୍ତ ବା ସଜବାଜ ଓ ପ୍ରଥମ ଦିନକୁ ପହିଲି ରଜ, ମଝି ରଜ ସଂକ୍ରାନ୍ତି, ଶେଷ ରଜ ଓ ଶେଷ ରଜ ପରଦିନ ବସୁମତୀ ସ୍ନାନ ବା ବାସି ରଜ କୁହାଯାଏ । ଯେପରି ଏକ ରଜସ୍ୱଳା ନାରୀ ମୋଟ ୪ ଦିନ ପାଇଁ ଅଛୁତ ରୁହେ ସେପରି ବସୁଧା ମାତାକୁ ଅକ୍ଷତ ରଖାଯାଏ । ଧରିତ୍ରୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢାଏ । ରଜ ହେଉଛି ଏକମାତ୍ର ପର୍ବ ଯାହା ୩ଦିନ ପାଳିତ ହେବା ସହ ପ୍ରଥମ ରଜର ପୂର୍ବ ଦିନ ଓ ଶେଷ ରଜର ପର ଦିନ ମଧ୍ୟ ଏହି ପର୍ବ ପାଳିତ ହୋଇଥାଏ । ଅନ୍ୟ କୌଣସି ପର୍ବପର୍ବାଣିରେ ପ୍ରାୟତଃ ଏପରି ହୋଇ ନଥାଏ ।

ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ଯଥାର୍ଥ ପ୍ରାମାଣିକ ତଥ୍ୟ ଅଦ୍ୟାବଧି ଗବେଷଣାତ୍ମକ ପଦ୍ଧତିରେ ନିର୍ଣ୍ଣୟ ହୋଇ ନଥିଲେ ହେଁ କିମ୍ବଦନ୍ତୀରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ । ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉଡ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ସତ୍ତ୍ୱପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇ ମହାର୍ଘ ପରିବେଶ ମଧ୍ୟରେ ଗୌରବାନ୍ୱିତ ହୋଇଛି ପ୍ରାଚୀନ ଉତ୍କଳୀୟ ପର୍ବପର୍ବାଣିସବୁ। ରଜ ଓଡ଼ିଶାର ଏକ ଗୌରବୋଜ୍ୱଳ ସାଂସ୍କୃତିକ ମହୋତ୍ସବ । ଏହି ଗୌରବୋଜ୍ୱଳ ମହୋତ୍ସବର ଐତିହ୍ୟରେ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି ଲୁକ୍କାୟିତ ହୋଇ ରହିଛି । ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଆନନ୍ଦ, ଉଲ୍ଲାସ, ଉଦ୍ଦୀପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି । ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଥାଆନ୍ତି ।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ । କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଥିବାର ଅନୁମାନ କରାଯାଏ । ଲଙ୍କାରେ ରାକ୍ଷସମାନଙ୍କର ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବାବେଳେ ମୟଦାନବ ନାମରେ ମଧ୍ୟ ଆଉ ଜଣେ ରାଜା ଅନ୍ୟ ଏକ ରାଜ୍ୟରେ ରାଜୁତି କରୁଥିଲେ । ଉଭୟେ ରାକ୍ଷସମାନଙ୍କର ରାଜା ହୋଇଥିବା କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖୁବ ନିବିଡ଼ ଥିଲା। ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା । ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା । ରାବଣ ସୁନ୍ଦର, ପ୍ରତିଭାବାନ ଓ ବୀରଥିବାରୁ ସେମାନେ ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମନ୍ଦୋଦରୀ ଅନ୍ତସତ୍ତ୍ୱା ହେଲେ । ମନ୍ଦୋଦରୀଙ୍କ ଠାରୁ ଅତି ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା । ଅବିବାହିତ କନ୍ୟା ଜନନୀ ହେବା ବାସ୍ତବିକ ଲୋକ ଲଜ୍ଜା ଓ କଳଙ୍କ । ଏଣୁ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଇଜକୁ (ମିଥିଳା ନଗର)କୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ । ଏହି ଶିଶୁ କନ୍ୟାଟିକୁ ମିଥିଳା ରାଜ୍ୟରେ ପୋତି ଦେଇଥିବା କାରଣରୁ ମିଥିଳାରେ ଅକାଳ ପଡ଼ିଲା । ବର୍ଷା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି କରିବାକୁ ଲାଗିଲେ । ମିଥିଳା ରାଜ୍ୟର ଜଣେ ପ୍ରଜାବତ୍ସଳ ରାଜାଥିଲେ ରାଜା ଥିଲେ ଜନକ । ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶା ଦେଖି ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ । ଜ୍ୟୋତିଷମାନଙ୍କର ମତ ଅନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ। "ର' ଅର୍ଥ ସଂସାର ଓ "ଜ' ଅର୍ଥ ଯୋଚିବା। ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହୋଇ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା । ପୌରାଣିକ ମତାନୁଯାୟୀ ସେହି ଦିନଠୁଁ ରଜ ପର୍ବର ଆରମ୍ଭ ବୋଲି ବିଶ୍ୱାସ କରାଯାଏ ।

ରଜ ଓଡ଼ିଶାର ଏକ ବିଶେଷ ପର୍ବ ହେଲେ ହେଁ ଏହା କେବଳ ଝିଅ ଭୁଆସୁଣୀମାନଙ୍କ ପର୍ବ ରୂପେ ପାଳନ କରାଯାଏ । ରାଜା ଜନକ ହଳ ଯୋଚି ଏକ କନ୍ୟାକୁ ଭୂମିରୁ ପାଇଥିବାରୁ ମିଥିଳାବାସୀ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ସ୍ୱୀକୃତି ଦେଇଥିଲେ ବୋଲି ଅନୁମାନ କରାଯାଏ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ ।

ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି । ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି ।

ଆଉ ଏକ ଲୋକକଥା ହେଲା- "ଯେଉଁ ମାଟିରେ ଆମେ ବସବାସ କରି ରହିଛୁ ସେହି ମାଟି ହେଲା ଆମ ମା' । ରଜସ୍ୱଳା ହେବା ନାରୀର ଯେମିତି ଏକ ଧର୍ମ ଠିକ ସେମିତି ଏଇ ମାଟି ମା' ମଧ୍ୟ ବର୍ଷକୁ ଥରେ ରଜସ୍ୱଳା ହୋଇଥାଏ । ସାଧାରଣତଃ ନାରୀମାନେ ଗୃହକାର୍ଯ୍ୟରେ ବର୍ଷସାରା ବ୍ୟସ୍ତ ଥାଆନ୍ତି । ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ଭିତରେ ଶାରୀ ପରି ସେମାନେ ଜୀବନ ଅତିବାହିତ କରି ଥାଆନ୍ତି । ତେଲ ଲୁଣ ସଂସାରରେ ସୁଖ ଦୁଃଖକୁ ନେଇ ସେମାନେ କାଳାତିତ କରୁଥିଲେ ସୁଦ୍ଧା ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ସେମାନେ ସର୍ବଦା ତତ୍ପର ହୋଇଉଠନ୍ତି ।

ରଜପର୍ବ ଝିଅମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ତାଙ୍କର ମଧ୍ୟ ସମନ୍ୱୟ ସମ୍ପର୍କ ଗଢ଼ିଉଠେ । ତନ, ମନ, ଭାବର ଆଦାନ ପ୍ରଦାନ ମଧ୍ୟ ହୋଇଥାଏ । ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ । ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥ ରତାକୁ ତ୍ୟାଗକରି ସମସ୍ତେ ହୋଇ ଉଠନ୍ତି ଏକାକାର । ସମୟର କଷଟି ପଥରରେ ଘୋରି ହୋଇ ଲୁପ୍ତ ହେବାକୁ ବସିଲାଣି ପୁରାତନର ମଧୁମୟ ସଂସ୍କୃତି । ଆଧୁନିକତାର କୃତ୍ରିମ ମହକରେ ବିମୋହିତ ହୋଇ ଭୁଲି ଗଲୁଣି ବୈଦିକ ପରମ୍ପରାର ମୌଳିକତା ଓ ଆତ୍ମୀୟତାକୁ । ଗ୍ରହଣ କରି ନେଲୁଣି ପାଶ୍ଚାତ୍ୟର ରଙ୍ଗରସର ରଙ୍ଗିନ ସଂସ୍କୃତିକୁ । ସମୟ ଆସିଛି ପୁଣି ସେହି ପାରମ୍ପରିକ ରଜ ମହୋତ୍ସବକୁ ଆମ ପର ପିଢି ପାଇଁ ଉଜ୍ଜୀବିତ କରିବା ପାଇଁ । ଆମକୁ ସବୁଦିନ ପାଇଁ ମନେରଖିବାକୁ ପଡ଼ିବ ଯେ ଆମ ସଂସ୍କୃତିର ସ୍ୱତନ୍ତ୍ରତା।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ:- ୯୯୩୮୯୦୬୦୭୦

# ମାନବତା ପ୍ରତି ଅଭିଶାପ

ନିହାର ରଞ୍ଜନ ସାବତ

ପ୍ରକୃତିର କମନୀୟ ସୃଷ୍ଟି ତଥା ସର୍ବୋତ୍ତମ ଉପହାର ହେଉଛି ଶିଶୁ। ସେମାନଙ୍କ ସରଳତା,ହସ,ଖେଳ,କୌତୁକ ପୃଥିବୀକୁ ସୁନ୍ଦର କରିଥାଏ। ସାରା ବିଶ୍ୱର ଅନେକ ସ୍ଥାନରେ ଲକ୍ଷାଧିକ ଶିଶୁ ନିଜର ବାଲ୍ୟକାଳକୁ ଶ୍ରମିକ ଭାବରେ କାମ କରି ବିତାଇଦେଉଛନ୍ତି। କେତେକ ଶିଶୁ କଳକାରଖାନାରେ ବିପଦଜନକ ଯନ୍ତ୍ରପାତି, ବିଷାକ୍ତ ରାସାୟନିକ ପଦାର୍ଥ ସହିତ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରିବାକୁ ବାଧ ହୁଅନ୍ତି। କେତେକ ଖଣିରେ କାମ କରି ନିଜ ଜୀବନକୁ ବିପଦରେ ପକାନ୍ତି। ଆଉ କେତେକ ଘରୋଇ ଚାକର ଭାବରେ କାମ କରି ଶାରୀରିକ ଓ ମାନସିକ ଅତ୍ୟାଚାରର ଶିକାର ହୁଅନ୍ତି। କେତେକ ଶିଶୁ ରାସ୍ତାରେ ଭିକ୍ଷା କରନ୍ତି କିମ୍ବା ଛୋଟ ଛୋଟ ଦୋକାନରେ କାମ କରନ୍ତି। ଏହିପରି ଭାବରେ ସେମାନଙ୍କ ବାଲ୍ୟକାଳ ନଷ୍ଟ ହୋଇଯାଏ। ଶିଶୁଶ୍ରମ କେବଳ ଏକ ଅପରାଧ ନୁହେଁ, ବରଂ ଏହା ମାନବତା ପ୍ରତି ଏକ ଅଭିଶାପ ଯାହା ସମାଜର ଭବିଷ୍ୟତକୁ ଅନ୍ଧକାରମୟ କରିଦେଉଛି।

ଶିଶୁଶ୍ରମର ମୂଳ କାରଣ ହେଉଛି ଦାରିଦ୍ର୍ୟ। ଯେତେବେଳେ ଏକ ପରିବାରର ଆର୍ଥିକ ଅବସ୍ଥା ଭଲ ନଥାଏ, ସେତେବେଳେ ସେମାନେ ନିଜ ସନ୍ତାନଙ୍କୁ ଶିକ୍ଷା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ପ୍ରଦାନ କରିପାରନ୍ତି ନାହିଁ ଏବଂ ତାଙ୍କ ପିଲାମାନେ ଅଳ୍ପ ବୟସରେ ଶାରୀରିକ ଶ୍ରମ କରିବାକୁ ବାଧ ହୁଅନ୍ତି। ଅନ୍ୟ ଏକ କାରଣ ହେଉଛି ଅଜ୍ଞାନତା। ଅନେକ ପିତାମାତା ଶିକ୍ଷାର ମୂଲ୍ୟ ବୁଝନ୍ତି ନାହିଁ ଏବଂ ସେମାନେ ଭାବନ୍ତି ଯେ ପିଲାଙ୍କୁ କାମ କରିବା ଶିଖାଇଲେ ସେମାନେ ଆତ୍ମନିର୍ଭର ହୋଇ ଭବିଷ୍ୟତରେ ନିଜ ସଂସାରର ଆବଶ୍ୟକତା ପୂରଣ କରିପାରିବେ। ସାମାଜିକ ଅସମାନତା ମଧ୍ୟ ଏହାର ଏକ ପ୍ରମୁଖ କାରଣ। ଦଳିତ ଓ ବଞ୍ଚିତ ଶ୍ରେଣୀର ପିଲାମାନେ ଅଧିକ ଶୋଷିତ ହୁଅନ୍ତି।

ଶିଶୁଶ୍ରମର କୁପ୍ରଭାବ ଅତ୍ୟନ୍ତ ଗମ୍ଭୀର। ଯେତେବେଳେ ଏକ ଶିଶୁ ବିଦ୍ୟାଳୟ ଛାଡି କାମକୁ ଯାଏ, ସେ ପାଠପଢ଼ାରୁ ବଞ୍ଚିତ ହୁଏ। ଏହା ଫଳରେ ସେ ଜୀବନରେ କେବେ ମଧ୍ୟ ସ୍ୱାବଲମ୍ବୀ ହୋଇପାରେ ନାହିଁ। ଏହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରିଦେଇଥାଏ। ଭାରୀ କାମ, ରାସାୟନିକ ପଦାର୍ଥ ସଂସ୍ପର୍ଶ ଏବଂ ଅତ୍ୟାଚାର ଯୋଗୁଁ ପିଲାମାନେ ଅସୁସ୍ଥ ହୋଇପଡନ୍ତି। ଏହା ସେମାନଙ୍କ ସାମାଜିକ ସମ୍ମାନ ହାନି କରିଥାଏ। ଶିଶୁଶ୍ରମ ସମାଜ ପାଇଁ ଏକ ଅଭିଶାପ ଯାହା କୋମଳ, ସୁନ୍ଦର ଶୈଶବକୁ ନଷ୍ଟ କରିଥାଏ ଏବଂ ଏହା ଫଳରେ ଅନେକ ସମ୍ଭାବନା ପୂର୍ଣ୍ଣ କଳିକା ପ୍ରସ୍ଫୁଟିତ ହୋଇ ଜଗତର ଶୋଭା ବର୍ଦ୍ଧନ ତଥା ସୁରଭି ବିତରଣ କରିବା ଆଗରୁ ଅକାଳରେ ଝଡ଼ି ପଡନ୍ତି। ଯେତେବେଳେ ଏକ ଶିଶୁ କାମ କରିବାକୁ ବାଧ ହୁଏ, ସେତେବେଳେ କେବଳ ସେ ନୁହେଁ, ତା'ର ସମ୍ପୂର୍ଣ୍ଣ ପରିବାର ଏବଂ ସମାଜ ଏକ ଅନ୍ଧକାରମୟ ଭବିଷ୍ୟତ ଆଡକୁ ଠେଲି ହୋଇଯାଏ। ଅଶିକ୍ଷିତ ପିଲାମାନେ ସମାଜର ଉନ୍ନତି ପାଇଁ କିଛି କାମ କରିପାରନ୍ତି ନାହିଁ। ଏହା ଦେଶର ଅର୍ଥନୈତିକ ଏବଂ ସାମାଜିକ ବିକାଶକୁ ପଛକୁ ନେଇଯାଏ। ଏକ ଅଶିକ୍ଷିତ ସମାଜ କେବେ ବିକଶିତ ହୋଇପାରିବ ନାହିଁ। ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ଶିଶୁ ଶିକ୍ଷିତ ହେବା ଅତ୍ୟନ୍ତ ଆବଶ୍ୟକ।

ଶିଶୁଶ୍ରମ ହେଉଛି ଏକ ସାମାଜିକ କଳଙ୍କ ଯାହା କେବଳ ଗୋଟିଏ ପିଲାର ଭବିଷ୍ୟତକୁ ନଷ୍ଟ କରେ ନାହିଁ, ବରଂ ସମ୍ପୂର୍ଣ୍ଣ ସମାଜ, ରାଷ୍ଟ୍ର , ବିଶ୍ୱ ତଥା ସମଗ୍ର ମାନବ ଜାତିର କ୍ଷତିସାଧନ କରିଥାଏ। ଆମେ ସମସ୍ତେ ମିଳିତ ଭାବରେ ଏହାର ମୂଳୋତ୍ପାଟନ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ। ଶୈଶବ କାଳରେ ଯେପରି ପ୍ରତ୍ୟେକ ପିଲା ଶିକ୍ଷାଲାଭର ସୁଯୋଗ ପାଇବା ସହ ହସଖୁସିରେ, ଖେଳ କଉତୁକରେ ସମୟ ବିତାଇ ଭବିଷ୍ୟତ ଜୀବନରେ ଏକ ସୁସ୍ଥ, ପୂର୍ଣ୍ଣାଙ୍ଗ ନାଗରିକରେ ପରିଣତ ହୋଇପାରିବେ, ସେଥିପାଇଁ ଆମେ ସଚେତନ ଏବଂ ଚେଷ୍ଟିତ ହେବା ଉଚିତ।

ସୂଚନା ପ୍ରୌଦ୍ୟୋଗିକ ତଥା ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ମୋ : +୯୧ ୯୭୭୭୦୧୧୯୬୮

# ଶରୀରକୁ ସୁସ୍ଥ ରଖେ ଦୋଳି

ଡାକ୍ତର କାନ୍ତୀ ନାୟକ

ମନ ଶାନ୍ତ ରହିଥାଏ। ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ। ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ। ଏହାଦ୍ୱାରା ବ୍ୟକ୍ତି ହାଲ୍‌କା ଅନୁଭବ କରେ। ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ ଆରାମ ଓ ହାଲ୍‌କା ଅନୁଭବ କରନ୍ତି। ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ। ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ଦୂର ହୋଇଯାଏ। ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ହୁଏ। ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲ୍‌କା ହୁଏ ଓ ଅଧିକ ସକ୍ରିୟ ହୁଏ। ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ।

ରଜ ପର୍ବ ଭିତରେ ଝିଅ ଆଉ ମହିଳା ମାନଙ୍କ ସବୁଠାରୁ ଆକର୍ଷଣୀୟ ଦୁର୍ବଳତା ହେଉଛି ରଜ ଦୋଳି। ରଜ ଦୋଳି ଏଯାବତ ବିଭିନ୍ନ କେବଳ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହି ଦୋଳିର ଆକର୍ଷଣ ବଢୁଛି। ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ ?

ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର। ବୟସ୍କଙ୍କ ଏହା ଆବଶ୍ୟକତା ନାହିଁ। ହେଲେ ଧାରଣା ଏକଦମ ଭୁଲ। ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର। ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ହୋଇଥାଏ। ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ। ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଏକ୍ସରସାଇଜ୍ ହୋଇଥାଏ। ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ। ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ। କେଉଁ କେଉଁ ରୋଗ ଦୂର ହୁଏ ଦୋଳି ଖେଳିବା ଦ୍ୱାରା। ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିଥାଏ ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ। ପୁନଃ ପଛକୁ ଯିବାକୁ ପଡ଼େ। ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ। ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ। ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ।

ସେହିପରି ଏହା ବାହୁକୁ ଶକ୍ତ କରିଥାଏ। ଦୋଳି ଖେଳିବା ସମୟରେ ହାତର ମଧ୍ୟ ଏକ୍ସରସାଇଜ ହୋଇଥାଏ। ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ। ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ। ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ।

ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ଦୋଳି ଖେଳିବା ଦ୍ୱାରା ହୃଦରୋଗର ଆଶଙ୍କା ହ୍ରାସ ପାଇଥାଏ। ଦୋଳି ଖେଳିବା ସମୟରେ ଛାତିର ମଧ୍ୟ ବ୍ୟାୟାମ ହୋଇଥାଏ। ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ପଡ଼ିଥାଏ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ। ଏହାଦ୍ୱାରା ଛାତିର ବ୍ୟାୟାମ ହୁଏ ଓ ହୃଦ୍‌ସ୍ପନ୍ଦନ ବୃଦ୍ଧି ହୁଏ। ଯାହାକି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ



ସହାୟକ ହୋଇଥାଏ। ପେଟ ରୋଗ ଦୂର ହୋଇଥାଏ। ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ। ଯାହା ପେଟରୁ ଚର୍ବିକୁ ହ୍ରାସ କରେ। ପେଟରେ ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ ଦୂର ହୋଇଯାଏ, କ୍ଷୋନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ ସମୟରେ କରେ।

ଚର୍ବି ହ୍ରାସ ପାଇଥାଏ। ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକାରୀ ହୋଇଥାଏ। ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହୋଇଥାଏ। ଏହାଦ୍ୱାରା ଶରୀରରୁ ଅତ୍ୟଧିକ ଚର୍ବି ହ୍ରାସ ହୁଏ। ଶରୀର ସ୍ଲିମ୍ ହୋଇଯାଏ। ରକ୍ତସଞ୍ଚାଳନ ବୃଦ୍ଧି କରିଥାଏ। ଦୋଳି ଖେଳିବା ଦ୍ୱାରା ଶରୀରର ବ୍ୟାୟାମ ହୁଏ। ଏହାଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ। ଯାହାକି ରକ୍ତସଞ୍ଚାଳନ ବୃଦ୍ଧିରେ ସହାୟକ ହୁଏ। ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ।

ମନ ଶାନ୍ତ ରହିଥାଏ। ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ। ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ। ଏହାଦ୍ୱାରା ବ୍ୟକ୍ତି ହାଲ୍‌କା ଅନୁଭବ କରେ। ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ ଆରାମ ଓ ହାଲ୍‌କା ଅନୁଭବ କରନ୍ତି। ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ। ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ଦୂର ହୋଇଯାଏ। ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ହୁଏ। ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲ୍‌କା ହୁଏ ଓ ଅଧିକ ସକ୍ରିୟ ହୁଏ। ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ।

ତେବେ ରଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ଦୋଳି ଖେଳ ହୋଇଥାଏ। ଆଜିକାଲି ବିଭିନ୍ନ ଅନୁଷ୍ଠାନ ମାନଙ୍କର ଆୟୋଜିତ କାର୍ଯ୍ୟକ୍ରମରେ ଦୋଳି ଖେଳିବାର ବ୍ୟବସ୍ଥା ମଧ୍ୟ ହେଉଛି। ଏସବୁ ଭିତରେ ଦୋଳି ଖେଳିବା ସମୟରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ। ଦୋଳିଟି ଠିକ୍ ଭାବେ ପ୍ରସ୍ତୁତ ହୋଇଛି କି ନାହିଁ ଭଲ ଭାବେ ଦେଖନ୍ତୁ। କାରଣ ଅନେକ ସମୟରେ ଅଚାନକ ଦୋଳି ଭାଙ୍ଗିଯିବା ପରି ଅଘଟଣ ଓ ଗୁରୁତର ହେବାର ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ।

ସେହିପରି ମହିଳାମାନେ ଦୋଳି ଖେଳୁଥିବା ସମୟରେ ନିଜ ପୋଷାକ ପରିପାଟୀକୁ ନେଇ ଟିକିଏ ସତର୍କ ରହିବା ମଧ୍ୟ ଜରୁରୀ। କାରଣ ଶାଢ଼ୀ କିମ୍ବା ସାଲୁଆର ବେଳେ ବେଳେ ଅସହଜ ବା ଅସୁବିଧାଜନକ ହୋଇଥାଏ। ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଦୋଳି ଖେଳିବା ମନା। ହୃଦରୋଗ, ଶ୍ୱାସରୋଗ, ମୁଣ୍ଡ ବୁଲାଇଦେବା ସମସ୍ୟା ଏପରିକି ଉଚ୍ଚରକ୍ତଚାପ ଥିବା ମହିଳାମାନଙ୍କ ପାଇଁ ଦୋଳି ଖେଳିବା ସମୟରେ ସତର୍କତା ଅତ୍ୟନ୍ତ ବାଞ୍ଛନୀୟ। ଖାଦ୍ୟ ବା କୌଣସି ପାନୀୟ ଅତ୍ୟଧିକ ଗ୍ରହଣ କରିଥିଲେ ତତ୍‌କ୍ଷଣାତ ପରବର୍ତ୍ତୀ ସମୟରେ ଦୋଳି ଖେଳିବାରୁ ନିବୃତ୍ତ ରୁହନ୍ତୁ। ଦୋଳି ଏକ ଚମତ୍କାର ବ୍ୟାୟାମ । ତେବେ ଏ ସବୁ ଭିତରେ ଆପଣଙ୍କର ସାମାନ୍ୟତମ ସତର୍କତା ଅବଲମ୍ବନ କଲେ ଏହା ଆପଣଙ୍କ ପାଇଁ ଆନନ୍ଦଦାୟକ ଅନୁଭବ ହେବ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅଧୀକ୍ଷକ,
ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହସ୍ପିଟାଲ,
ସିଡିଏ, କଟକ

CMYK
14.06.2025.pmd 1 6/13/2025, 5:08 PM

# କଳାହାଣ୍ଡି ମଣ୍ଡିରେ ବିକ୍ରି ହେଉଛି ଛତିଶଗଡ଼ ଧାନ

## ଚୋରା ଚାଲାଣ ରୋକିବାକୁ ପ୍ରଶାସନ ବିଫଳ, ୨ହଜାରରେ ଆଣି ୩୧ ଶହରେ ବିକ୍ରି କରୁଛନ୍ତି !

ଭବାନୀପାଟଣା, ୧୩/୬ (ନି.ପ୍ର)- ଛତିଶଗଡ଼ରୁ ଓଡ଼ିଶାକୁ ବେଆଇନ ଭାବେ ଧାନ ଚୋରାଚାଲାଣ ରୋକିବାକୁ ଚଳିତ ରବିରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଏହା ସତ୍ତ୍ୱେ ଛତିଶଗଡ଼ରୁ ଓ କଳାହାଣ୍ଡିକୁ ବେଆଇନ ଭାବେ ପ୍ରତିଦିନ ଟ୍ରକ ଓ ପିକଅପ ଜରିଆରେ ଧାନ ଚୋରାଚାଲାଣ ହେଉଛି। ବର୍ତ୍ତମାନ ସୁଦ୍ଧା ଧାନ ଚୋରା ଚାଲାଣ ହେଉଥିବା ୬ଟି ପିକଅପ୍‌କୁ ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଛି। ଛତିଶଗଡ଼ରେ ରବି ଧାନମଣ୍ଡି ହେଉନଥିବାରୁ କଳାହାଣ୍ଡି ଜିଲାର ଛତିଶଗଡ଼ ସୀମାନ୍ତବର୍ତ୍ତୀ ଗ୍ରାମ ପର୍ଲା, କଦଳୀମୁଣ୍ଡା, ବେହେରାଗୁଡ଼ା, ଛଞ୍ଚାଣବାହିଲି, ସନ୍ଧିକୁଲିହାରି, ହଳଦୀ ପାନୀ, ବାରିକପଡ଼ା ଆଦି ଅଞ୍ଚଳର ଦଲାଲମାନେ ଗାଡ଼ିରେ ଛତିଶଗଡ଼ ରାଜ୍ୟର ଧାନ ବ୍ୟବସାୟୀଙ୍କଠାରୁ ୨ ହଜାରରେ ଧାନ କିଣି ନିଜ ଗୃହରେ ରଖି ମଣ୍ଡିମାନଙ୍କରେ ବିକ୍ରି କରିବା ସହିତ କିଛି ରାଇସମିଲ୍‌କୁ ନେଇ ଧାନ ନେଇ ବିକ୍ରି କରୁଥିବା ମଧ ଅଭିଯୋଗ ହେଉଛି। ଏହି ସୀମାନ୍ତବର୍ତୀ ଗ୍ରାମ ରାସ୍ତାରେ ଏବେ ଚୋରା ବେପାରୀମାନେ ସକ୍ରିୟ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସୀମାନ୍ତବର୍ତୀ ରାସ୍ତାରେ ଅସ୍ଥାୟୀ ଚେକ୍ ଗେଟ୍ କରାଯିବା ସହ ସିସିଟିଭି କ୍ୟାମେରା ମଧ ଲଗାଯାଇଛି। ଏପରିକି ଚୋରାଗାଡ଼ି ଜଗିବା ପାଇଁ ଆରଏମ୍‌ସି ପକ୍ଷରୁ କର୍ମଚାରୀମାନଙ୍କୁ ଦାୟିତ୍ୱ ମଧ ଦିଆଯାଇଛି। ତଥାପି ଚୋରା ଚାଲାଣ ରୋକିବାକୁ ପ୍ରଶାସନ ବିଫଳ ହୋଇଛି।

ଗତ କିଛିଦିନ ତଳେ ଏହି ସୀମାନ୍ତ ରାସ୍ତାକୁ ଅତିକ୍ରମ କରି କିଛି ଗାଡ଼ି ମଣ୍ଡି ଓ ଲଡୁଗାଁ ରାଇସମିଲ୍‌କୁ ଯାଉଥିବା ବେଳେ ଧର୍ମଗଡ଼ ପ୍ରଶାସନ ପକ୍ଷରୁ ୪ଟି ଧାନବୋଝେଇ ବେଆଇନ ଗାଡ଼ି (ଓଡି ୦୮ଭି ୩୯୨୯) ଓ ( ଓଡି ୨୪ - ୩୩୨୬) ସହ ଅନ୍ୟ ୨ଟିକୁ ଜବତ କରାଯାଇ ଧର୍ମଗଡ଼ର ଏକ ରାଇସ୍‌ମିଲ୍‌ରେ



ଜିମା ଦିଆଯାଇଥିଲା। ସେହିପରି ଏଠାକାର କିଛି ମିଲର ଅର୍ଥ ଲାଳସାରେ ଛତିଶଗଡ଼ ରୁ ଟ୍ରକ ଯୋଗେ କୁଇଣ୍ଟାଲ ପିଛା ୨ହଜାର ଟଙ୍କାରେ ଚୋରା ଧାନ ଆଣି ଧର୍ମଗଡ଼ ଉପଖଣ୍ଡ ରେ ଥିବା ମଣ୍ଡିମାନଙ୍କରେ ଚାଷୀଙ୍କ ନାମରେ ୩୧ଶହ ଟଙ୍କାରେ ବିକ୍ରି କରି ପୁଣି ନିଜ ମିଲ କୁ ନେଉଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାର ଜନୈକ ଅଧିକାରୀଙ୍କୁ ପଚାରିବାରୁ ଛତିଶଗଡ଼ରୁ କଳାହାଣ୍ଡିକୁ ଧାନ ଆସିବା କଥାକୁ ସ୍ୱୀକାର କରିଥିଲେ। ଏହି କାମକୁ କିଛି ଅସାଧୁ ଚାଷୀ କରୁଥିବା ସେ କହିଥିଲେ। ଛତିଶଗଡ଼ରୁ ଧାନ ଆଣି ସେମାନେ ଏଠାକାର ମଣ୍ଡିରେ ନିଜ ଟୋକନରେ ବିକ୍ରି କରୁଛନ୍ତି। ତେବେ ଚୋରା ଚାଲାଣ ରୋକିବାକୁ ବିଭିନ୍ନ ସମୟରେ ପେଟ୍ରୋଲିଂ କରାଯାଉଛି। ଧରା ପଡିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## କାଶୀନଗର ବ୍ଲକରେ 'ବିକାଶ ବାହନ'ର ଶୁଭାରମ୍ଭ

କାଶୀନଗର, ୧୩।୬ (ନିପ୍ର): ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ତରଫରୁ ଯେଉଁ ଉନ୍ନୟନମୂଳକ ଯୋଜନା ଗୁଡିକ କାର୍ଯ୍ୟକ୍ଷମ ହୋଇଛି ସେସବୁ ଯୋଜନା ଗୁଡିକୁ ତୃଣମୂଳସ୍ତରର ଜନସାଧାରଣଙ୍କ ଅବଗତ ପାଇଁ ଉଦିଷ୍ଟ 'ବିକାଶ ବାହନ'ର ଶୁଭାରମ୍ଭ ସ୍ଥାନୀୟ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ ଓ ତହସିଲଦାର ସୁଧୀର କୁମାର ନନ୍ଦ ସବୁଜ ପତାକା ଦେଖେଇ କରିଥିଲେ। ଏହି କାର୍ଯ୍ୟକ୍ରମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ କାନ୍ତ ସାହୁ ପରିଚାଳନା କରିଥିଲେ । ଏବଂ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ 'ବର୍ଷ ଏକ ଉପଲବ୍ଧି ଅନେକ' କାର୍ଯ୍ୟକ୍ରମକୁ ବିଜେଡିର ନିର୍ବାଚିତ ପ୍ରତିନିଧିମାନେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରା ଦେଇ ବିରୋଧ କରିଥିଲେ। ଏହି ବିକାଶ ବାହନ କାଶୀନଗର ବ୍ଲକର ବୁଦୁରା ପଞ୍ଚାୟତ ପ୍ରଥମେ ପରିକ୍ରମା କରିଥିବା ବେଳେ ଏହି ମାସ ୨୧ ତାରିଖ ଯାଏଁ ସବୁ ପଞ୍ଚାୟତ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି।

## ବାଘୁଆପଲ୍ଲୀ ଗ୍ରାମରେ ରାଜସ୍ୱ ବିଭାଗ ଅଦାଲତ, ୪୦ଟି ଜମିଜମା ମାମଲା ଫଇସଲା

ଭାପୁର, ୧୩।୬ (ନିପ୍ର): ରାଜ୍ୟ ସରକାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକୁ ସମାଧାନ କରିବା ପାଇଁ ତୃଣମୂଳସ୍ତରରେ ତତ୍ପର ଦେଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ଭାପୁର ତହସିଲ ଅଧୀନରେ ଥିବା ବାଘୁଆପଲ୍ଲୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ବିଭାଗ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛାତ୍ରିଆ, ବାଘୁଆପଲ୍ଲୀ ରାଜସ୍ୱ ନିରୀକ୍ଷକ ସୁଦୀପ୍ତ ପଟ୍ଟନାୟକ ଓ ତହସିଲ କର୍ମଚାରୀ ସସ୍ମିତା ବେହେରାଙ୍କ ଉପସ୍ଥିତରେ ୪୦ ଟି ଜମିଜମା ମାମଲା ଗୁଡିକୁ ଫଇସଲା କରିଛନ୍ତି। ଆଗାମୀ ଦିନରେ ଜମିଜମା ମାମଲା ଗୁଡିକ ଭାପୁର ତହସିଲ ଅଧୀନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସର୍କଲ ଅନୁଯାୟୀ ହେବ ବୋଲି ଅତିରିକ୍ତ ତହସିଲଦାରଙ୍କ ଠାରୁ ପ୍ରକାଶ । ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ମାନେ ତୃଣମୂଳ ସ୍ତରରେ ଉପକୃତ ହୋଇପାରିବେ।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଶେରଗଡ଼ , ୧୩।୬ (ନିପ୍ର): ଶେରଗଡ଼ ମିଶନ ଶକ୍ତି ସଭା ଗୃହରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥଲେ। ୨୨ ଟି ପଞ୍ଚାୟତ ର ୨୧ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ସବୁ ଖାଦ୍ୟକୁ ବେଞ୍ଚ ଉପରେ ପ୍ରଦର୍ଶିତ କରିଥିଲେ। ବିଚାରକ ଭାବେ ଏବିଇଓ ସୌରନ୍ଦ୍ରୀ ଦଳେଇ, ପୋଷଣ ସଂଯୋଜକ ଶଙ୍କର ଆଚାରୀ ,ସିଡିପିଓ ମମତାଞ୍ଜଳି ପଣ୍ଡା ବିଚାରକ ଭାବେ ରହି ସ୍ୱଂୟ ସହାୟକ ମା ମାନେ ରନ୍ଧନ କରି ପ୍ରଦର୍ଶନୀ କରିଥିବା ଖାଦ୍ୟ କୁ ଦେଖିବା ସହ ମୂଲ୍ୟାୟନ କରିଥିଲେ। ଗୁଣବତ୍ତା,ସଫା,ପରିଚ୍ଛେଦ, ସ୍ୱାଦକୁ ପାଥେୟ କରି ୨୧ ରୁ ଦୁଇ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ଜିଲ୍ଲା ସ୍ତରକୁ ମନୋନୀତ କରିଛନ୍ତି। ଆୟୋଜିତ ଉଦଯାପନ ସଭାରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ବାଲୁଙ୍କେଶ୍ୱର ମହିଳା ଦଳ ପ୍ରଥମ ପୁରସ୍କାର ଭାବେ ୫୦୦୦ ନଗଦ ଓ ବ୍ରାହ୍ମଣଛାଇ ମା କନକ ଦୁର୍ଗା ମହିଳା ଦଳକୁ ଦ୍ୱୀତିୟ ପୁରସ୍କାର ଭାବେ ୪୦୦୦ ନଗଦ ରାଶି ପ୍ରଦାନ କରାଯାଇଥିଲା।

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବଲାଙ୍ଗିର ଜିଲ୍ଲା ଗସ୍ତ କୃଷକ ଶକ୍ତି ସମାବେଶର କଲେ ସମୀକ୍ଷା

ବଲାଙ୍ଗିର, ୧୩/୬ (ନିପ୍ର): : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଆଜି ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଓ କୃଷକ ଶକ୍ତି ସମାବେଶ ସମୀକ୍ଷା କରିଛନ୍ତି । ଏହା ପରେ ପଥରଚେପ ପଡିଆ କୁ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ସମସ୍ତ ଅଧିକାରୀ ଙ୍କୁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ପାର୍କିଂ, ସୁରକ୍ଷା, ପ୍ରଚାରପ୍ରସାର, ମେଡ଼ିକାଲ ଟିମ ଆଦି ବାବଦରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ବୈଠକରେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇଶାଲଓ୍ୱାର , ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀ , ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଓ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଗୁଣପୁରରେ ନୂତନ ଆଇଆଇସିଙ୍କ କାର୍ଯ୍ୟଭାର ଗ୍ରହଣ

ଗୁଣପୁର, ୧୩।୬ (ନିପ୍ର): ରାୟଗଡା ଜିଲା ଗୁଣପୁରର ନୂତନ ଆଇଆଇସି ଭାବେ କମଳକାନ୍ତ ବସନ୍ତ କୁମାର କହଁର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଆଇଆଇସି ଉତ୍ତମ କୁମାର ସାହୁଙ୍କୁ ଏଠାରୁ ବଦଳି ହେବା ପରେ କହଁର ତାଙ୍କ ସ୍ଥାନରେ କାର୍ଯ୍ୟରେ ଯୋଗଦେଇଛନ୍ତି । ଏହି କ୍ରମରେ ଗୁଣପୁର ଆଇଆଇସି ସାହୁଙ୍କୁ ଚାନ୍ଦିଲି ଥାନାକୁ ବଦଳି ହୋଇ ସେ କାର୍ଯ୍ୟଭାର ଗ୍ରହଣ କରିଥିବା ବେଳେ ରାୟଗଡା ଆଇଆଇସି ଥିବା କମଳକାନ୍ତ ବସନ୍ତ କୁମାର କହଁରଙ୍କୁ ଗୁଣପୁର ଥାନାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଗୁଣପୁର ଥାନା ଅଞ୍ଚଳରେ ଲାଗିରହିଥିବା ଚୋରି ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇ ସହରକୁ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଧ୍ୟାନ ଦେବେ ବୋଲି ସହରବାସୀ ଆଶା ଭରସା କରିଛନ୍ତି ।

## କୃଷ୍ଣପ୍ରସାଦ ବ୍ଲକର ୪ ପଞ୍ଚାୟତ ପରିକ୍ରମା କଲା ବିକାଶ ବାହନ

କୃଷ୍ଣପ୍ରସାଦ , ୧୩।୬ (ନିପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାର ମହତ ଲକ୍ଷ୍ୟ ନେଇ କୃଷ୍ଣପ୍ରସାଦ ବ୍ଲକ ପରିକ୍ରମା ଆରମ୍ଭ କରିଛି ବିକାଶ ବାହନ । ଅରଖକୁଦା ପଞ୍ଚାୟତ ପରିସରରେ ସରପଞ୍ଚ ସୁମିତ୍ରା ବେହେରାଙ୍କ ପୌରୋହିତ୍ୟରେ ଗୁରୁବାର ପୂର୍ବାହ୍ନରେ କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡା ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ୍ତ କୁମାର ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ,କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ସହକାରୀ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ସିପି ପ୍ରଭାତ କୁମାର ଜେନା, ଯୋଗାଣ ନିରୀକ୍ଷକ ସଞ୍ଜୀ ଦର୍ଶନ ଦାସ,ମିଶନ ଶକ୍ତି ଆକାଉଟାଣ୍ଟ ଅମିତାଭ ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ୩ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ । ଅରଖକୁଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ବିକାଶ ବାହନ ଯାତ୍ରା ଆରମ୍ଭ କରିବା ସହ ପ୍ରଥମ ଦିବସରେ କୃଷ୍ଣପ୍ରସାଦ ବ୍ଲକ ଅଧିନ ଗୋପୀନାଥପୁର, ମାଣିକା, ପଣସପଦା ପ୍ରଭୃତି ୪ ଗୋଟି ପଞ୍ଚାୟତ ର ସମସ୍ତ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ବିକାଶର ବାର୍ତ୍ତା ପ୍ରଦାନ କରିଥିବା ଜଣାପଡିଛି । ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ସରୋଜ କୁମାର ଲେଙ୍କା, ପଣସପଦା ପଞ୍ଚାୟତ ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ମାଣିକା ପଞ୍ଚାୟତ ସରପଞ୍ଚ ଜିକୁରୁନ ବିବିଙ୍କ ନେତୃତ୍ୱରେ ଏହି ବାହନ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା ।

## ନୋଟିସ ନାହିଁ କି ଜନସଚେତନା, ଚାଲାଣ କାଟି ଶୋଷଣ କରୁଛି ପୋଲିସ ଓ ଆରଟିଓ, ବଢୁଛି ଜନ ଅସନ୍ତୋଷ

କୋଣାର୍କ, ୧୩।୬ (ନିପ୍ର); ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ଠାରୁ ପିପିଲି ପର୍ଯ୍ୟନ୍ତ ପୂର୍ତ୍ତବିଭାଗରେ ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଓ ଜନତାଙ୍କ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ସିସିଟିଭି କ୍ୟାମେରା ଲଗାଯାଇଛି। ଏହି ସିସିଟିଭି କ୍ୟାମେରା ମଧ୍ୟରୁ ଅନେକ କ୍ୟାମେରା ଦାୟିତ୍ୱରେ ଥିବା ସଂସ୍ଥା ରକ୍ଷଣାବେକ୍ଷଣ ଅଭାବରୁ ସଠିକ ଭାବେ କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳିଛି। କୋଣାର୍କ - ଗୋପ ପୂର୍ତ୍ତ ବିଭାଗ ରାସ୍ତାର ବଡଗୁଣ୍ଡି ଛକ ଓ ଗୋପ କଲେଜ ଛକ ଠାରେ ଥିବା ସିସିଟିଭି କ୍ୟାମେରା ମାଧ୍ୟମରେ କୋଣାର୍କ ଓ ଗୋପ ଅଂଚଳର ଜନସାଧାରଣ ମାନଙ୍କୁ ପୁରୀ ପରିବହନ କାର୍ଯ୍ୟାଳୟ ଓ କୋଣାର୍କ ପୋଲିସ ପକ୍ଷରୁ ବିନା ହେଲମେଟ, ଦ୍ରୁତ ଗତିରେ ଗାଡି ଚାଳନା ସମ୍ବନ୍ଧୀୟ ସଚେତନତା ସୃଷ୍ଟି ଅଥବା ଡାକବାଜି ଯନ୍ତ୍ର ମାଧ୍ୟମରେ କୋଣାର୍କ ଓ ଗୋପ ଅଂଚଳରେ ଜନ ସଚେତନତା ସୃଷ୍ଟି ନ କରି ବିନା ଡାକବାଜି ଯନ୍ତ୍ର ଓ ବିନା ସର୍ବସାଧାରଣ ନୋଟିସ ଜାରି ନ କରି କୋଣାର୍କ ପୋଲିସ ଓ ପୁରୀ ଜିଲ୍ଲା ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୋଣାର୍କ ଓ ଗୋପ ଅଂଚଳର ସ୍ଥାନୀୟ ବାସିନ୍ଦାମାନଙ୍କ ଠାରୁ ଦୁଇ ଚକିଆ, ଅଟୋ ରିକ୍ସା ଓ ଚାରି ଚକିଆ ଯାନ ଚାଳକମାନଙ୍କ ଠାରୁ ବ୍ୟାପକ ଓ ମନଇଚ୍ଛା ଚାଲାଣ କଟାଯାଉଛି। ଏହାକୁ ନେଇ କୋଣାର୍କ ଓ ଗୋପ ଅଂଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ସମେତ ସ୍ଥାନୀୟ ଅଞ୍ଚଳର



ଲୋକମାନଙ୍କୁ ଶୋଷଣ କରୁଥିବା ଘଟଣାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ସାଧାରଣରେ କୁହାଯାଇଛି । କୋଣାର୍କ - ଗୋପ ପୂର୍ତ୍ତ ବିଭାଗ ରାସ୍ତାରେ ଲଗା ଯାଇଥିବା ସିସିଟିଭି କ୍ୟାମେରା ମାଧ୍ୟମରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ପ୍ରଥମେ ପରିବହନ ବିଭାଗ ଓ ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୋଲିସ ମାଧ୍ୟମରେ ଜନ ସଚେତନତା ସୃଷ୍ଟି ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରି ଚାଲାଣ କଟା ଗଲେ କୋଣାର୍କ ଓ ଗୋପ ଅଂଚଳର ଜନସାଧାରଣ ଘଟଣା ସମ୍ପର୍କରେ ବ୍ୟାପକ ସଚେତନତା ହୋଇପାରିବେ ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଆଶା ବ୍ୟକ୍ତ କରିଛନ୍ତି।

## ମହିଷାଲଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ନେଇ ଥାନାରେ ମାମଲା

ଟାଙ୍ଗୀ-ଚୌଦ୍ୱାର, ୧୩।୬ (ନିପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ମହିଷାଲଣ୍ଡା ପଞ୍ଚାୟତ କାର୍ଯ୍ୟାଳୟକୁ ଜନୈକ ଠିକାଦାର ଓ ତାଙ୍କର ଜଣେ ସହଯୋଗୀ ତାଲା ପକାଇବା ନେଇ ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ରାଉତ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ରାଉତ ପ୍ରକାଶ କରିଛନ୍ତି । ଅଭିଯୋଗ ମୁତାବକ ଗତ ୬ ତାରିଖ ପୂର୍ବାହ୍ନ ୧୦ଘଟିକାରେ କମଙ୍ଗ ଅଂଚଳର ଠିକାଦାର ଚି□ ସାମଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ତିଆରି ହେଉଥିବା ମାର୍କେଟ୍ କମ୍ପ୍ଲେକ୍ସ ସରିବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରୁ ପାଣି ଯୋଗାଇବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅନୁମତି ମାଗିଥିଲେ। କିନ୍ତୁ ନିର୍ବାହୀ ଅଧିକାରୀ ପାଣିଦେବାକୁ ମନା କରିବାରୁ ଶ୍ରୀ ସାମଲ କିଛି ଯୁବକଙ୍କୁ ଧରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କୁ ଗାଳି ଗୁଲଜ କରିବା ସହ ତାଙ୍କୁ କାର୍ଯ୍ୟାଳୟ ଭିତରେ ତାଲା ପକାଇଦେଇଥିଲେ । ପରେ ବିଡ଼ିଓଙ୍କ ହସ୍ତକ୍ଷେପ ପରେ ନିର୍ବାହୀ




ଅଧିକାରୀଙ୍କୁ ସେମାନେ ଛାଡ଼ିଥିଲେ । ମାତ୍ର ପୁର୍ନବାର ଗତକାଲି ମଙ୍ଗଳବାର ଠିକାଦାରଜଣକ ସେଠାରେ ପହଂଚି ଗାଳିଗୁଲଜ କରିବା ସହ ତାଲା ପକାଇଦେଇଥିଲେ । ଯାହାର ସମସ୍ତ ପ୍ରମାଣ ଆମ ପାଖରେ ରହିଛି ବୋଲି ସରପଞ୍ଚ ଶ୍ରୀମତୀ ରାଉତ ପ୍ରକାଶ କରିବା ସହ ଏ ନେଇ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଅଭିଯୋଗ କରିବାର ଦୀର୍ଘ ସମୟ ବିତି ଯାଇଥିଲେ ମଧ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ତେଣୁ ଉକ୍ତ ଠିକାଦାରଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଚେତ୍ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଂଚ ଶ୍ରୀମତୀ ରାଉତଙ୍କ ସମେତ ସମିତି ସଭ୍ୟ ଦେବୀ ପ୍ରସାଦ ସ୍ୱାଇଁ, ପୂର୍ବତନ ସରପଂଚ କୁଳମଣି ଦେହୁରୀ, ଓ୍ୱାର୍ଡ଼ମେମ୍ବର ବିଷୟା ସେଠୀ, ପ୍ରମିଳା ପ୍ରଧାନ, ସୋନାଲି ଦେଓଗାମ୍, ସସ୍ମିତା ପିଙ୍ଗୁଆ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଚକବନ୍ଦୀ ଅଦାଲତରେ ମାମଲା ବର୍ଷ ବର୍ଷ ଧରି ପଡିଛି

ବ୍ରହ୍ମପୁର, ୧୩।୬ (ନିପ୍ର )ବ୍ରହ୍ମପୁର ଥିବା ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତରେ ଛ'ମାସିକିଆ ବାଇଦା ମିଳୁଥିବାରୁ ମାମଲା ଗୁଡିକ ବର୍ଷ ବର୍ଷ ଧରି ପଡିରହୁଛି । ଗଞ୍ଜାମ ଜିଲ୍ଲା ପାଇଁ ବ୍ରହ୍ମପୁରରେ ଥିବା ଦୁଇଟି ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତ ରହିଛି । ପ୍ରଥମ ଅତିରିକ୍ତ କମିଶନର ଅଦାଲତରେ ବ୍ରହ୍ମପୁର ଉପଖଣ୍ଡ -ଜିଲ୍ଲପାଳଙ୍କ ଅଧୀନରେ ଆସୁଥିବା ଛ' ଟି ତହସିଲ ରହିଛି ଏବଂ ସେହିପରି ଦ୍ୱିତୀୟ ଅତିରିକ୍ତ କମିଶନର ଅଦାଲତରେ ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡ ଜିଲ୍ଲପାଳଙ୍କ ଅଧୀନରେ ଆସୁଥିବା ତହସିଲ ଗୁଡିକ ରହିଛି। ଏହି ଅଦାଲତ ଗୁଡିକରେ ଚକବନ୍ଦୀ ବିଭାଗୀୟଙ୍କ ଦ୍ୱାରା କୌଣସି ବ୍ୟକ୍ତି କ୍ଷତିଗ୍ରସ୍ତ ହେଇଥିଲେ ସେହି ବ୍ୟକ୍ତି ମାମଲାର ନିୟମିତା କିମ୍ବା ସଠିକତା. ବୈଧତା ସମ୍ପର୍କରେ ନିଜର ସନ୍ତୋଷ ବିଧାନ ପାଇଁ ଏହି ଅଦାଲତ ଗୁଡିକରେ ସଂଶୋଧନ ପାଇଁ ଦ୍ୱାରସ୍ଥ ହୋଇଥାନ୍ତି । ବର୍ତ୍ତମାନ ଦେଖିବାକୁ ମିଳୁଛି କ୍ଷିପ୍ର ଲେଖକ (ଷ୍ଟେନୋ), କିରାଣୀ ଓ ଚପରାସି ଅଭାବ ଯୋଗୁଁ ମାମଲା ଗୁଡିକର ଶୀଘ୍ର ରାୟ ପ୍ରକାଶ ହୋଇପାରୁ ନାହିଁ । ଛଅ ମାସିକିଆ ବାଇଦା ତାରିଖ ମିଳୁଥିବାରୁ ଓକିଲ ଓ ମହକିଲ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାରେ ପ୍ରାୟ ଦଶ ହଜାର ମାମଲା ପଡି ରହିଛି ଏବଂ ପ୍ରତିବର୍ଷ ଏକ ହଜାର ରୁ ଉର୍ଦ୍ଧ୍ୱ ମାମଲା ଦାଖଲ ହେଉଛି। ବ୍ରହ୍ମପୁରରେ ଥିବା ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତରେ ତୁରନ୍ତ ଆବଶ୍ୟକୀୟ କର୍ମଚାରୀ ପୂରଣ କରାଯାଇ ମାମଲା ଗୁଡିକର ରାୟ ଶୀଘ୍ର ପ୍ରକାଶ କରାଯିବା ନେଇ ଦାବି କରିଛନ୍ତି ଗଞ୍ଜାମ ଓକିଲ ସଂଘ,ସଭାପତି ମନୋଜ ପଟ୍ଟନାୟକ ।

## ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

ରାୟଗଡା, ୧୩।୬ (ନିପ୍ର); ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଛି। ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଏବଂ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍(ପୋକ୍ସ) ଶ୍ୱେତା ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର, ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରି ରାମଚନ୍ଦ୍ର ନାହାର, ଅତିରିକ୍ତ ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଡିଭିଜନାଲ ଲେବର କମିଶନର ସୁବାସ ଚନ୍ଦ୍ର ମଣ୍ଡଳ, ରାୟଗଡା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାଏକ, ଶ୍ରୀନିବାସ ରାଓ, ଶକ୍ତି ଅନୁଷ୍ଠାନର ଡାଇରେକ୍ଟର ରମେଶ ଚନ୍ଦ୍ର ନାଏକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାୟଗଡ଼ା ଜିଲ୍ଲାର ଜିସିଡି ଉଚ୍ଚ ବିଦ୍ୟାଳୟ, ଜି.ବି.ଏମ ଉଚ୍ଚ ବିଦ୍ୟାଳୟ, ଛାତ୍ର ଓ ଛାତ୍ରୀ ମଧ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ଶିଶୁ ଶ୍ରମିକମାନଙ୍କର ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉର୍ଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ଓ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ

ବ୍ରହ୍ମପୁର, ୧୩।୬ (ନିପ୍ର) ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ବ୍ରହ୍ମପୁର ସ୍ୱତନ୍ତ୍ର ସର୍କିଟ ହାଉସ୍ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତି ଥିଲା ଯେଉଁମାନେ ଏହି ଆୟୁଷ୍ମାନ କାର୍ଡ ବିଶେଷକରି ଏହି କାର୍ଡର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସାଂସଦ, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ଖଲିକୋଟର ବିଧାୟକ, ବ୍ରହ୍ମପୁର ମେୟର, ସଂଘମିତ୍ରା ଦଳାଇ, କଲେକ୍ଟର ଏବଂ ଡିଏମ୍, ଗଞ୍ଜାମ ପ୍ରମୁଖ ଯୋଗ ଦେଇଥିଲେ। ଡକ୍ଟର ଭବାନୀ ଶଙ୍କର ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମ ସମୟରେ, ସମ୍ମାନିତ ବ୍ୟକ୍ତିମାନେ କାର୍ଡର ଗୁରୁତ୍ୱ ଏବଂ ଏହାର ଲାଭ ଉପରେ ଗଭୀର ବକ୍ତବ୍ୟ ପ୍ରଦାନ କରିଥିଲେ।

ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଅଂଶୀଦାରଙ୍କ ପକ୍ଷରୁ ମିଳିତ ଭାବରେ କାର୍ଯ୍ୟ କରିବାର ପ୍ରତିବଦ୍ଧତା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା

ବଲାଙ୍ଗିର, ୧୩/୬ (ନିପ୍ର): ରଜ ପୂର୍ବରୁ ଦେଖିବାକୁ ମିଳୁଛି ରଜ ଉତ୍ସବ। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆଜି ଠୁ ଆରମ୍ଭ ହୋଇଛି ଜିଲ୍ଲା ସ୍ତରୀୟ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଆଜି ପୃଥୀରାଜ ହାଇସ୍କୁଲ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି । ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇଶାଲଓ୍ୱାର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ଏହି ବିକାଶ ମେଳାରେ ମିଳୁଛି ଭିନ୍ନ ଭିନ୍ନ ସ୍ୱାଦର ପିଠା । । ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ହୋଇଥିବା ଏହି ଷ୍ଟଲରୁ ଲୋକମାନେ ଧାଡ଼ି ଲଗାଇ ପିଠା କିଣୁଥିବା ଦେଖି ଯାଇଥୁଲା । ଅପରପକ୍ଷେ ଏଠାରେ ଥିବା ଫୁଡ୍ କୋର୍ଟରେ ହଜି ଯାଉଥିବା ଖାଦ୍ୟ ପସରା ଖୋଲାଯାଇଛି । ଆରିସା, ପୋଡ଼ପିଠା, ଛେନାପୋଡ଼, ମଣ୍ଡା, କାକରା, ଚନ୍ଦ୍ରକାନ୍ତି ଆଦି ଭଳିକି ଭଳି ଖାଦ୍ୟ ରହିଛି। ମେଳାରେ ଜିଲ୍ଲାର ସମସ୍ତ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରାଯାଉଛି । ଏଥିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଗୁଡ଼ିକ ଉପଲବ୍ଧ ହେଉଛି। ଜିଲ୍ଲା ପ୍ରଶାସନ ତରଫରୁ ବିକାଶ ମେଳାରେ ୨୫ଟି ଷ୍ଟଲରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇଛି । ସେହିଭଳି ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ପୌରପରିଷଦ ଅଫିସ ରୁ ବିକଶିତ ବାହନ ଯାତ୍ରାର ଶୁଭାରମ୍ଭ ହୋଇଥିଲା ।

ସହରାଞ୍ଚଳ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ପତାକା ଦେଖାଇ ଏହି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ ।

## 'ଶିଶୁ ଯେଉଁ ହାତରେ କଲମ ଧରିବା କଥା ସେଇ ହାତରେ ଯଦି ହାତୁଡି ଧରିବ ତେବେ ଏହାଠୁ ଘୃଣ୍ୟକାମ ଆଉ କିଛି ନହୋଇପାରେ'

ଧର୍ମଗଡ଼, ୧୩।୬ (ନିପ୍ର); ସମଗ୍ର ବିଶ୍ୱରେ ଶିଶୁ ଶ୍ରମିକ ବିରୋଧରେ ସଚେତନତା ସୃଷ୍ଟି ନିମନ୍ତେ ୨୦୦୨ ମସିହାରୁ ପ୍ରତିବର୍ଷ ଜୁନ ୧୨ ତାରିଖକୁ ଶିଶୁ ଶ୍ରମିକ ବିରୋଧ ଦିବସ ରୂପେ ପାଳନ କରାଯାଉଛି। ଏପରିପ୍ରେକ୍ଷୀରେ ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ସ୍ଥାନୀୟ ଇମାନୁଏଲ ମିନିଷ୍ଟ୍ରି ଅଫ ଇଣ୍ଡିଆ ପରିସରରେ ମଧ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ବିଶ୍ୱବାଳ ଶ୍ରମିକ ବିରୋଧୀ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବରେ ସହକାରୀ ଶ୍ରମିକ ଅଧିକାରୀ ତୁଳସିରାମ ମାଝୀ, ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ହରିଶଚନ୍ଦ୍ର ବାଗ, ସଂଯୁକ୍ତା ପଣ୍ଡା ଓ ଏହି ସଂସ୍ଥାର ସଭାପତି ଧନିରାମ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲ।। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧକ୍ଷ ଶ୍ରୀ ପ୍ରଧାନ କହିଥିଲେ ଯେ ଶିଶୁ ଶ୍ରମିକର ହାର ବଢିବା ପଛରେ ନିରକ୍ଷରତା, ଦାରିଦ୍ର୍ୟ ଓ ସଚେତନତାର ଘୋର ଅଭାବ ରହିଛି। ଶିଶୁଟି ଯେଉଁ ହାତରେ କଲମ ଧରିବା କଥା ସେଇ ହାତରେ ଯଦି ହାତୁଡି ଧରିବ ତେବେ ଏହାଠୁ ଘୃଣ୍ୟକାମ ଆଉ କିଛି ନହୋଇପାରେ। ଶିଶୁଟି ତାର ପାଠ ପଢିବା ବୟସରେ ବାଳ ଶ୍ରମିକ ରୂପେ କାର୍ଯ୍ୟ କରି ନିଜ ଶିକ୍ଷା,ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ବକ୍ତବ୍ୟ ରଖିବା ସହ ଶିଶୁମାନଙ୍କର ବିଭିନ୍ନ ଅଧିକାର ଯଥା ମାଗଣା ଶିକ୍ଷା, ବଞ୍ଚିବାର ଅଧିକାର, ସୁରକ୍ଷା ଅଧିକାର ବିଷୟରେ କହିଥିଲେ। ସଭାରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସହକାରୀ ଶ୍ରମିକ ଅଧିକାରୀ ଶ୍ରୀ ମାଝୀ ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ବିରୋଧ କରିବା ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

# ଦୁର୍ଘଟଣା ପରେ ଭଗ୍ନାବଶେଷରୁ ମିଳିଲା ଡିଭିଆର



ଅହମ୍ମଦାବାଦ୍, ୧୩।୬: ଏୟାର ଇଣ୍ଡିଆ ଅହମ୍ମଦାବାଦ-ଲଣ୍ଡନ ବିମାନ ଦୁର୍ଘଟଣାକୁ ନେଇ ଗୋଟାଏ ପରେ ଗୋଟାଏ ତଥ୍ୟ ହସ୍ତଗତ ହେବାରେ ଲାଗିଛି। ଗୁରୁବାର ଅହମ୍ମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଅତି କମ୍‌ରେ ୨୬୫ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ବର୍ତ୍ତମାନ ସମାପ୍ତ ହୋଇଛି। ଜାଣିବାକୁ ମିଳିଛି ଯେ ଦୁର୍ଘଟଣାରୁ ମିଳିଥିବା ଭଗ୍ନାବଶେଷରୁ ଏକ ଡିଜିଟାଲ୍ ଭିଡିଓ ରେକର୍ଡର ବି ମିଳିଛି। ଗତକାଲି ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ଏୟାର ଇଣ୍ଡିଆ ବିମାନର ଭଗ୍ନାବଶେଷରୁ ଗୁଜରାଟ ଏଟିଏସ୍ ଏକ ଡିଜିଟାଲ୍ ଭିଡିଓ ରେକର୍ଡର୍ (ଡିଭିଆର) ଉଦ୍ଧାର କରିଛି। ଜଣେ ଏଟିଏସ୍ କର୍ମଚାରୀ ଏନେଇ ସୂଚନା ଦେଇଛନ୍ତି। ଏହା ଏକ ଡିଭିଆର; ଯାହାକୁ ଆମେ ଭଗ୍ନାବଶେଷରୁ ଉଦ୍ଧାର କରିଛୁ। ଏଫ୍‌ଏସ୍‌ଏଲ୍ ଦଳ ଖୁବ୍ ଶୀଘ୍ର ଏଠାକୁ ଆସିବ'' ବୋଲି କର୍ମଚାରୀ ଜଣକ କହିଛନ୍ତି। ବିମାନ ଦୁର୍ଘଟଣାରେ ଏଯାଏଁ ୨୬୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତରମାନେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ବିମାନରେ ଥିବା ଯାତ୍ରୀଙ୍କ ଜୀବନକୁ ନେଇ ଆଶା ସମସ୍ତେ ଛାଡି ଦେଇଥିବା ବେଳେ ଜଣେ ମାତ୍ର ବର୍ତ୍ତିଯାଇଛନ୍ତି । ନହେଲେ ବିମାନରେ ଥିବା ସମସ୍ତେ ମୃତ୍ୟୁର ପଞ୍ଝାରେ ଫସିଯାଇଛନ୍ତି । ଏୟାର ଇଣ୍ଡିଆ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବିମାନରେ ଥିବା ମୋଟ ୨୪୨ ଜଣଙ୍କ ମଧ୍ୟରୁ କେବଳ ଜଣଙ୍କୁ ଛାଡିଦେଲେ ବାକି ୨୪୧ ଜଣଙ୍କ ମୃତ୍ୟୁ ହୋଇଛି । ବିମାନର ଭୟଙ୍କର ବିସ୍ଫୋରଣ ପରେ ଲାଗିଯାଇଥିବା ନିଆଁରେ ୨୪୧ ଜଣ ଜଳି ଯାଇଛନ୍ତି । ତେବେ ଦୁର୍ଘଟଣାଗ୍ରସ୍ତ ବିମାନରେ ୧୬୯ ଜଣ ଭାରତୀୟ, ୫୩ ଜଣ ବ୍ରିଟିଶ ନାଗରିକ, ୭ ଜଣ ପର୍ତ୍ତୁଗୀଜ ଏବଂ ୧ କାନାଡୀୟ ଯାତ୍ରା କରୁଥିଲେ ।

# ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ ହେବ ପାକିସ୍ତାନ



ତେହେରାନ, ୧୩।୬: ଶୁକ୍ରବାର ସକାଳେ ଇସ୍ରାଏଲ ଇରାନର ନ୍ୟୁକ୍ଲିୟର ସାଇଟ ଉପରେ ଏକ ବଡ଼ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଇରାନର ରିଭଲ୍ୟୁସନାରୀ ଗାର୍ଡ ମୁଖ୍ୟ, ସେନା ମୁଖ୍ୟ ଏବଂ ଅନେକ ପ୍ରମୁଖ ପରମାଣୁ ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଥିଲା। ସାରା ବିଶ୍ୱରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧର ଆଭାସ ଦେଖାଯାଉଛି। ଏହି ସମୟରେ, ଭାରତ ଇସ୍ରାଏଲ ଏବଂ ଇରାନକୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛି। କିନ୍ତୁ ପାକିସ୍ତାନରେ, ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ନେଇ ଏକ ଭିନ୍ନ ଚିନ୍ତାଧାରା ଦେଖାଯାଉଛି। ପାକିସ୍ତାନର ଜଣାଶୁଣା ସାମ୍ବାଦିକ ହାମିଦ ମିର ଏକ ଭିନ୍ନ ଆଶଙ୍କା ପ୍ରକାଶ କରିଛନ୍ତି। ମିର ତାଙ୍କ ଟିଭି କାର୍ଯ୍ୟକ୍ରମ ସମୟରେ କହିଥିଲେ ଯେ ଇସ୍ରାଏଲ ପୂର୍ବରୁ ପାକିସ୍ତାନର ନ୍ୟୁକ୍ଲିୟର ସାଇଟ ଉପରେ ଆକ୍ରମଣ କରିବାକୁ ଏକ ବିଫଳ ପ୍ରୟାସ କରିସାରିଛି। ସେ କହିଛନ୍ତି ଯେ ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ ପାକିସ୍ତାନ ହୋଇପାରେ। ହାମିଦ ମିର ଆହୁରି କହିଛନ୍ତି ଯେ ଯଦି ପାକିସ୍ତାନ ବର୍ତ୍ତମାନ ପରିସ୍ଥିତିରେ ନୀରବ ରୁହେ, ତେବେ ଏହା ଏକ ବଡ଼ ଭୁଲ ହେବ। ସେ କହିଛନ୍ତି, 'ଆମେ ଚୁପ ରହିବୁ ନାହିଁ ଏବଂ ଏପରି ଯେକୌଣସି ପ୍ରୟାସର ଉଚିତ ଜବାବ ଦେବୁ।' ସେହି ସମୟରେ, ଇସ୍ରାଏଲର ଆକ୍ରମଣ ପରେ ଇରାନ କହିଛି ଯେ ଇସ୍ରାଏଲ ଏବଂ ଆମେରିକାକୁ ଇସ୍ରାଏଲ ଆକ୍ରମଣ ପାଇଁ ବହୁତ ମୂଲ୍ୟ ଦେବାକୁ ପଡିବ। ଇରାନର ସଶସ୍ତ୍ର ବାହିନୀର ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଆବୋଲଫଜଲ ଶେକାରଚି ସରକାରୀ ଟିଭିକୁ କହିଛନ୍ତି ଯେ ଶୁକ୍ରବାର ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରେ ଆମେରିକା ଏବଂ ଇସ୍ରାଏଲକୁ ବହୁତ ମୂଲ୍ୟ ଦେବାକୁ ପଡିବ।

## ଅଳ୍ପକେ ବର୍ତ୍ତିଗଲା ୧୫୬ଜଣ ବିମାନ ଯାତ୍ରୀଙ୍କ ଜୀବନ

ନୂଆଦିଲ୍ଲୀ,୧୩।୬: ଜୁନ ୧୨ ତାରିଖ ଅପରାହ୍ନରେ ଅହମଦାବାଦରେ ଏୟାର ଇଣ୍ଡିଆର ଏଆଇ ବିମାନ ୧୭୧ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିବାର ଦୁଃଖର ଖବର ସାମ୍ନାକୁ ଆସିଥିବା ବେଳେ ଶୁକ୍ରବାର ୧୫୬ଜଣ ଏୟାର ଇଣ୍ଡିଆ ବିମାନ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଥାଇଲ୍ୟାଣ୍ଡର ଫୁକେଟରେ ଏୟାର ଇଣ୍ଡିଆର ବିମାନ ଏଆଇ ୩୭୯ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ଜୁନ ୧୩ ତାରିଖରେ ଏହି ବିମାନଟି ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଏଥିରେ ବୋମା ଧମକ ମିଳିଥିଲା। ତେଣୁ ପାଇଲଟ କିଛି ଦୁର୍ଘଟଣାର ସାମ୍ନା କରିବା ପୂର୍ବରୁ ହିଁ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଆଇ ୩୭୯ ବିମାନ ଆଣ୍ଡାମାନ ସାଗର ଚାରିପାଖରେ କିଛି ସମୟ ଘୂରି ବୁଲିବା ପରେ ବିମାନଟି ଫେରି ଆସି ଜରୁରୀକାଳୀନ ଅବତରଣ କରିଥିଲା। ବୋମା ଧମକକୁ ଏପର୍ଯ୍ୟନ୍ତ ଏଓଟି ଦ୍ୱାରା ନିଶ୍ଚିତ କରାଯାଇ ନାହିଁ। ଫୁକେଟ ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି ଯେ ଜରୁରୀକାଳୀନ ଅବତରଣ ପରେ, ଯାତ୍ରୀମାନଙ୍କୁ ବିମାନରୁ ବାହାର କରାଯାଉଛି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି। ଯାତ୍ରାରେ ବିଳମ୍ବ ହେତୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ପରମାଣୁ ଚୁକ୍ତି କର, ନଚେତ୍ ଧ୍ୱଂସ କରିଦେବ ଇସ୍ରାଏଲ୍

ୱାସିଂଟନ,୧୩।୬: ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଛି। ଏହା ପରେ ଇରାନ ପ୍ରତିଶୋଧ ନେବାକୁ ଘୋଷଣା କରିଛି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପରମାଣୁ ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ବିବୃତି ଆସିଛି। ସେ ଇରାନକୁ କହିଛନ୍ତି ଯେ ସେମାନେ ପରମାଣୁ ଚୁକ୍ତି କରନ୍ତୁ, ନଚେତ୍ ଇସ୍ରାଏଲ ପାଖରେ ଅନେକ ବିପଦଜନକ ଅସ୍ତ୍ର ଅଛି। ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ ସେମାନଙ୍କୁ ହତ୍ୟା କରାଯାଇଛି। ଇରାନ ପାଖରେ ଏବେ ବି ସୁଯୋଗ ଅଛି। ଏବେ ଚୁକ୍ତିନାମା କର ନଚେତ୍ ଆହୁରି ବିନାଶ ହେବ। ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ ସେମାନଙ୍କୁ ହତ୍ୟା କରାଯାଇଛି। ଇରାନ ପାଖରେ ଏବେ ବି ସୁଯୋଗ ଅଛି। ଏବେ ଚୁକ୍ତିନାମା କର ନଚେତ୍ ଆହୁରି ବିନାଶ ହେବ। ଟ୍ରମ୍ପ ଏକ ପୋଷ୍ଟରେ କହିଛନ୍ତି, ମୁଁ ଇରାନକୁ ଚୁକ୍ତିନାମା କରିବାକୁ ଅନେକ ସୁଯୋଗ ଦେଇଥିଲି। ମୁଁ ଇରାନକୁ କଡ଼ା ଶବ୍ଦରେ କହିଥିଲି, ଏହାକୁ ବନ୍ଦ କରନ୍ତୁ ।

## ମହୁମାଛି ପାଇଁ ହୃଦ୍‌ଘାତ, ସଞ୍ଜୟ କପୁରଙ୍କ ଦେହାନ୍ତ

ନୂଆଦିଲ୍ଲୀ,୧୩।୬:ବଲିଉଡ୍ ଅଭିନେତ୍ରୀ କରିଶ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ତଥା ଶିଳ୍ପପତି ସଞ୍ଜୟ କପୁରଙ୍କ ମୃତ୍ୟୁ ଘଟିଛି। ହୃଦଘାତ ଯୋଗୁ ତାଙ୍କର ଦେହାନ୍ତ ହୋଇଛି। ସଞ୍ଜୟ ଲଣ୍ଡନରେ ରହୁଥିଲେ। ତାଙ୍କୁ ୫୩ ବର୍ଷ ହୋଇଥିଲା। ତାଙ୍କ ବ୍ୟାବସାୟିକ ପରାମର୍ଶଦାତା ସୁହେଲ ସେଠ ସଞ୍ଜୟଙ୍କ ମୃତ୍ୟୁ ନେଇ ସ୍ପଷ୍ଟ କରିଛନ୍ତି। ମହୁମାଛି ପାଇଁ ତାଙ୍କର ହୃଦଘାତ ହୋଇଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଗତ ଗୁରୁବାର ଘୋଡ଼ାଦୌଡ଼ ପ୍ରତିଯୋଗିତାରେ ସଞ୍ଜୟ ଭାଗ ନେଇଥିଲେ। ଘୋଡ଼ା ଦୌଡ଼ କରୁଥିବା ସମୟରେ ତାଙ୍କ ପାଟି ଭିତରେ ଏକ ମହୁମାଛି ପଶିଯାଇଥିଲା, ଯାହାକୁ ଭୁଲବଶତଃ ସଞ୍ଜୟ ଗିଳିଦେଇଥିଲେ।

## ଶୀଘ୍ର ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବା ଜରୁରୀ: ମୋଦି



ନୂଆଦିଲ୍ଲୀ,୧୩।୬(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଏହି ଅଞ୍ଚଳର ପରିବର୍ତ୍ତିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଶ୍ରୀ ମୋଦିଙ୍କୁ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଅବଗତ କରାଇଥିଲେ । ପ୍ରଧାନମନ୍ତ୍ରୀ ମୋଦି ପରିସ୍ଥିତିକୁ ନେଇ ଭାରତର ଚିନ୍ତା ବ୍ୟକ୍ତ କରିଥିଲେ। ବିଶ୍ୱ ଶାନ୍ତି ପ୍ରୟାସ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇ ଶ୍ରୀ ମୋଦି ଏହି ଅଞ୍ଚଳରେ ଶୀଘ୍ର ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏକ୍ସ-ରେ ଏକ ପୋଷ୍ଟରେ ଲେଖିଛନ୍ତି :'ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଠାରୁ ଏକ ଫୋନ କଲ୍ ପାଇଲି। ସେ ମୋତେ ପରିବର୍ତ୍ତିତ ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ। ମୁଁ ଭାରତର ଚିନ୍ତାଧାରାକୁ ସେୟାର କରିଥିଲି ଏବଂ ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଶୀଘ୍ର ପୁନରୁଦ୍ଧାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଉତ୍ତେଜନାକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି। ହିଂସା ପଥ ଛାଡ଼ି କୂଟନୈତିକ ସ୍ତରରେ ଆଲୋଚନା ଜରିଆରେ ଦୁଇ ଦେଶ ପରସ୍ପର ମଧ୍ୟରେ ଥିବା ବିବାଦକୁ ସମାଧାନ କରିବା ଲାଗି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଚମତ୍କାରିତା: ବିମାନ ଦୁର୍ଘଟଣାରେ ସୁରକ୍ଷିତ ରହିଲା ଭଗବତ୍ ଗୀତା



ଅହମଦାବାଦ,୧୩।୬ : ବିମାନ ଦୁର୍ଘଟଣାରେ ଯେତେବେଳେ ସବୁକିଛି ପୋଡି ପାଉଁଶ ହୋଇଯାଇଛି ଆଉ ୨୬୫ ଜୀବନ ଚାଲିଯାଇଛି । ସେଥିରୁ ଅନୁମାନ କରନ୍ତୁ ଦୁର୍ଘଟଣା କେତେ ଭୟାନକ ହୋଇଥିବ । ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁ ମୁଖରୁ ବର୍ତ୍ତିଯିବା କେଉଁ ଚମତ୍କାର ଠାରୁ କମ୍ ନୁହେଁ ବୋଲି ଯେତେବେଳେ କୁହାଯାଉଛି । ଠିକ୍ ସେତିକି ବେଳେ ଆଉ ଏକ ଚମତ୍କାର ଘଟଣା ସାମ୍ନାକୁ ଆସିଛି ଯାହା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ । ବିମାନ ଦୁର୍ଘଟଣା ପରେ ବିସ୍ଫୋରଣରେ ସବୁକିଛି ଜଳିଗଲା, ଜୀବନ, ବିମାନ, ଲଗେଜ୍, ଖାତା, ବହି, ଡାଏରୀ, ଖେଳନା, ପର୍ସ, ଫୋନ, ଲାପଟପ ଭଳି ଅନେକ କିଛି । ଏମିତି କି ନିଆଁର ଆଁରେ ଲୁହା ସୁଦ୍ଧା ବି ତରଳି ଗଲା ହେଲେ ପବିତ୍ର ଭଗବତ ଗୀତାର କିଛି ବି ହୋଇନାହିଁ । ନିଆଁରେ ଗୀତା ବହି ଜଳିନି ବରଂ ସେମିତି ଅକ୍ଷତ ଅବସ୍ଥାରେ ରହିଛି । ଯାହା ପଢିବା ଯୋଗ୍ୟ ମଧ୍ୟ । ଦୁର୍ଘଟଣାସ୍ଥଳରୁ ଉଦ୍ଧାରକାରୀ ଟିମ ଏହି ଭଗବତ ଗୀତାକୁ ପାଇଥିବା ବେଳେ କେହି ଯାତ୍ରୀ ହୁଏତ ଭଗବତ ଗୀତାକୁ ନେଇ ଅହମଦାବାଦରୁ ଲଣ୍ଡନ ଯାଉଥିଲେ । ଦେଖନ୍ତୁ ସେ ଯାତ୍ରୀ ଜଳିଗଲେ କିନ୍ତୁ ଜଳିଲାନି ଭଗବତ ଗୀତା । ଏତେବଡ ଦୁର୍ଘଟଣାରେ ଭଗବତ ଗୀତା ଅକ୍ଷତ ଭାବେ ମିଳିବା ଘଟଣାକୁ କେହି କେହି ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିବା ରମେଶଙ୍କର ବି ହୋଇଥାଇପାରେ ବୋଲି କହୁଛନ୍ତି । ମାତ୍ର ସ୍ପଷ୍ଟ ହୋଇନି ଭଗବତ ଗୀତାକୁ କେଉଁ ଯାତ୍ରୀ ନେଇ ଯାତ୍ରା କରୁଥିଲେ । ହେଲେ ଏଭଳି ନିଆଁରୁ ଭଗବତ ଗୀତା ବର୍ତ୍ତିଯିବା ଧାର୍ମିକ ଚେତନାକୁ ଓ ଭାବାବେଗକୁ ଆହୁରି ମଜଭୁତ କରିଛି । ଲୋକଙ୍କ ମନରେ ଈଶ୍ୱରୀୟ ଭାବନା ଜାଗ୍ରତ କରିଛି ।

# ଟ୍ରାଫିକ୍ ଜାମ୍ ଯୋଗୁଁ ଜୀବନ ବର୍ତ୍ତିଲା

ଅହମଦାବାଦ,୧୩।୬: ଟ୍ରାଫିକ୍ ଜାମ୍ ଯୋଗୁ ବିଳମ୍ବରେ ବିମାନ ବନ୍ଦରରେ ପହଞ୍ଚିଥିଲେ ଭୂମି ଚୌହାନ। ଯେତେ ନେହୁରା ହେଲେ ମଧ ତାଙ୍କୁ ବୋର୍ଡିଂ ପାଇଁ ଅନୁମତି ଦେଇ ନ ଥିଲେ ବିମାନ ବନ୍ଦର କର୍ତ୍ତୃପକ୍ଷ। ସେଥିପାଇଁ ସେ ଖୁବ୍ ବିରକ୍ତ ହୋଇଥିଲେ। କିନ୍ତୁ ଯେତେବେଳେ ସେ ବିମାନ ବନ୍ଦରରୁ ବାହାରୁ ଥିଲେ ସେତେବେଳେ ବିମାନ କ୍ରାଶ ହୋଇଯାଇଥିବା ଖବର ପାଇଥିଲେ। ଏହା ଶୁଣି ତାଙ୍କ ଶରୀର ଶୀତେଇ ଯାଇଥିଲା। ତାଙ୍କ ଗୋଡ଼ ଥରିଥିଲା। କିଛି ସମୟ ପାଇଁ ସେ ଜଡ଼ ପାଲଟି ଯାଇଥିଲେ। କାରଣ ସେହି ବିମାନରେ ସେ ଇଂଲଣ୍ଡ ଯିବାର ଥିଲା।ଗତକାଲି ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୬୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିମାନ ବନ୍ଦରରେ ବିଳମ୍ବରେ ପହଞ୍ଚିବାରୁ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତି ଯାଇଥିଲେ ଭୂମି ଚୌହାନ। ଗତକାଲି ଅହମଦାବାଦ ସଡ଼କରେ ସାଂଘାତିକ ଟ୍ରାଫିକ ଜାମ୍ ତାଙ୍କ ପାଇଁ ବରଦାନ ସଦୃଶ ହୋଇଥିଲା।

# ପତ୍ନୀଙ୍କ ମୃତ୍ୟୁର ୭ଦିନ ପରେ ବିମାନ ଦୁର୍ଘଟଣା ନେଲା ସ୍ୱାମୀଙ୍କ ଜୀବନ, ଅନାଥ ହେଲେ ୨ଝିଅ

ଅହମଦାବାଦ,୧୩।୬: ଏୟାର୍ ଇଣ୍ଡିଆର ବିମାନ ଏଆଇ-୧୭୧ (ବୋଇଂ ୭୮୭-୮ ଡ୍ରିମ୍‌ଲାଇନର) ଗୁରୁବାର ଅହମଦାବାଦରୁ ଉଡ଼ାଣ ଭରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଲଣ୍ଡନ ଅଭିମୁଖେ ଯାଉଥିବା ବିମାନଟି ଏକ ଆବାସିକ ଅଞ୍ଚଳ ନିକଟରେ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ୨୬୫ଜଣକର ମୃତ୍ୟୁ ହୋଇଥିବା ବେଳେ ମୃତକଙ୍କ ଭିନ୍ନ ଭିନ୍ନ ହୃଦୟ ବିଦାରକ କାହାଣୀ ସାମ୍ନାକୁ ଆସିବାରେ ଲାଗିଛି। ଏବେ ଲଣ୍ଡନରେ ରହୁଥିବା ଅର୍ଜୁନଭାଇ ମନୁଭାଇ ପଟୋଲିଆଙ୍କ ହୃଦୟ ବିଦାରକ କାହାଣୀ ସାମ୍ନାକୁ ଆସିଛି। ଗୋଟାଏ ସପ୍ତାହ ମଧ୍ୟରେ କିଭଳି ୨ଝିଅ ଅନାଥ ହୋଇଗଲେ, ତାହା ଜାଣି ସମସ୍ତଙ୍କ ଛାତି କୋହରେ ଫାଟିପଡୁଛି। କୁହାଯାଉଛି ଯେ, ପତ୍ନୀ ଭାରତୀବେନଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ଅର୍ଜୁନଭାଇ ୨ଝିଅଙ୍କୁ ଲଣ୍ଡନରେ ଛାଡ଼ି ଭାରତ ଆସିଥିଲେ। ଭାରତୀବେନଙ୍କର ଗୋଟିଏ ସପ୍ତାହ ପୂର୍ବରୁ ଲଣ୍ଡନରେ ଦେହାନ୍ତ ହୋଇଥିଲା। ତାଙ୍କର ଶେଷ ଇଚ୍ଛା ଥିଲା ଯେ, ତାଙ୍କ ଅସ୍ଥି ତାଙ୍କ ପୈତୃକ ଗାଁର ନଦୀରେ ବିସର୍ଜନ କରାଯାଉ। ଏହାକୁ ପୂରଣ କରିବାକୁ ଅର୍ଜୁନ ତାଙ୍କର ୮ ଓ ୪ବର୍ଷର ଦୁଇ ଝିଅଙ୍କୁ ଲଣ୍ଡନରେ ଛାଡି ଏକାକୀ ଭାରତ ଆସିଥିଲେ। ସବୁ ରୀତିନୀତି କରି ତାଙ୍କ ସ୍ତ୍ରୀଙ୍କ ଇଚ୍ଛା ଅନୁଯାୟୀ ଅସ୍ଥିକୁ ଗାଁ ପୋଖରୀ ଏବଂ ନଦୀରେ ବିସର୍ଜନ କରିଥିଲେ ଅର୍ଜୁନଭାଇ। ଏହା ପରେ, ଅର୍ଜୁନ ଲଣ୍ଡନ ଫେରିବା ପାଇଁ ଏୟାର ଇଣ୍ଡିଆ ବିମାନରେ ଚଢ଼ିଥିଲେ। କିନ୍ତୁ ଭାଗ୍ୟର ଯୋଜନା କିଛି ଅଲଗା ଥିଲା। ଉଡ଼ାଣ କରିବାର କିଛି ସେକେଣ୍ଡରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ତାଙ୍କ ସହିତ ଶହ ଶହ ଲୋକଙ୍କର ଜୀବନ ଚାଲି ଯାଇଥିଲା। ଏବେ ତାଙ୍କ ଅପେକ୍ଷାରେ ବସିରହିଥିବା ୨ଝିଅଙ୍କ ଭବିଷ୍ୟତ କ'ଣ ହେବ, ତାହାର ଉତ୍ତର କାହା ପାଖରେ ନାହିଁ। ଅର୍ଜୁନଙ୍କ ବାପାଙ୍କ ଦେହାନ୍ତ ହୋଇସାରିଥିବା ସହ ମା' ସୁରଟରେ ରହୁଛନ୍ତି। ଗୋଟାଏ ସପ୍ତାହ ମଧ୍ୟରେ ପୁଅ-ବୋହୂଙ୍କୁ ହରାଇ ସେ ଏବେ କଥା କହିବା ଅବସ୍ଥାରେ ନଥିବା କୁହାଯାଉଛି। ଏଭଳି ସ୍ଥିତିରେ ୨ଝିଅଙ୍କୁ କିଏ ସମ୍ଭାଳିବ, ସେ ପ୍ରଶ୍ନ ସମସ୍ତଙ୍କ ମନରେ।

## ରାଜା ରଘୁବଂଶୀ ହତ୍ୟା ମାମଲା

# ପରସ୍ପରକୁ ହତ୍ୟାର ମାଷ୍ଟରମାଇଣ୍ଡ ଦର୍ଶାଉଛନ୍ତି ସୋନମ ଓ ରାଜ





ନୂଆଦିଲ୍ଲୀ, ୧୩/୬: ମେଘାଳୟରେ ରାଜା ରଘୁବଂଶୀ ହତ୍ୟା ମାମଲାରେ ପୁଲିସ ତଦନ୍ତ ଯେତେ ଆଗକୁ ବଢ଼ି ଚାଲିଛି ମାମଲା ସହିତ ଜଡ଼ିତ ନୂଆନୂଆ ତଥ୍ୟ ସେତିକି ସାମ୍ନାକୁ ଆସିବାରେ ଲାଗିଛି। ପୁଲିସ ଯାଂଚ ସମୟରେ ଅଭିଯୁକ୍ତ ସୋନମ ଏବଂ ତାଙ୍କ ପ୍ରେମିକ ରାଜ ପରସ୍ପରକୁ ଏହି ହତ୍ୟାର ମାଷ୍ଟରମାଇଣ୍ଡ ଦର୍ଶାଉଥିବା ମେଘାଳୟ ପୁଲିସର ଡିଆଇଜି ପ୍ରକାଶ କରିଛନ୍ତି। ରାଜା ରଘୁବଂଶୀ ହତ୍ୟା ଘଟଣାର ତଦନ୍ତରେ ସାମିଲ ଥିବା ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ବିଶାଲ ରାଜା ରଘୁବଂଶୀଙ୍କ ମୁଣ୍ଡରେ ଆକ୍ରମଣ କରିଥିଲା। ଏହାପରେ ସୋନମ ରାଜାଙ୍କ ମୃତଦେହକୁ ଖାଲରେ ଫିଙ୍ଗିବାରେ ତିନି ଅଭିଯୁକ୍ତଙ୍କୁ ସାହାଯ୍ୟ କରିଥିଲେ। ସୋନମ ହତ୍ୟା ଯୋଜନା ହୋଇଥିବା ସ୍ଥାନକୁ ଫଟୋ ଉଠାଇବା ବାହାନାରେ ରାଜା ରଘୁବଂଶୀଙ୍କୁ ଡାକିଥିଲେ। ହତ୍ୟା ପରେ ତିନି ଅଭିଯୁକ୍ତ ଏବଂ ସୋନମ ଏକ ଅଜଣା ସ୍ଥାନକୁ ଚାଲିଯିବା ପରେ ଅଲଗା ହୋଇଯାଇଥିଲା। ଇନ୍ଦୋରର ମୂଳ ବାସିନ୍ଦା ଥିବା ରାଜା ଏବଂ ସୋନମ ରଘୁବଂଶୀ ଗତ ମଇ ୧୧ ତାରିଖରେ ବିବାହ କରିଥିଲେ। ବିବାହ ପରେ ମଇ ୨୦ ତାରିଖରେ ବୁଲିବାକ ପାଇଁ ଦୁହେଁ ମେଘାଳୟରେ ପହଂଚିଥିଲେ। ମଇ ୨୩ତାରିଖରେ ଉଭୟଙ୍କ ନିଖୋଜ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହାପରେ ସୋନମ ଫେରା ର୍ଥିବା ଜଣାପଡ଼ିବା ସମୟରେ ମେଘାଳୟର ଏକ ଗାଡ଼ା ଭିତରୁ ରାଜାଙ୍କ ମୃତଦେହ ମିଳିଥିଲା। ଜୁନ ୯ ସକାଳେ ପୁଲିସ ସୋନମଙ୍କୁ କାବୁ କରି ଉତ୍ତର ପ୍ରଦେଶର ଗାଜିପୁରରୁ ହେପାଜତକୁ ନେଇଥିଲା। ପ୍ରାରମ୍ଭିକ ଯାଂଚ ସମୟରେ ସୋନମ ଦାବି କରିଥିଲେ ଯେ ତାଙ୍କୁ ନିଶା ଦିଆଯାଇ ଅପହରଣ କରାଯାଇଥିଲା, କିନ୍ତୁ ପୁଲିସ ସ୍ପଷ୍ଟ କରିଥିଲା ଯେ ସୋନମ ନିଜେ ଆତ୍ମସମର୍ପଣ କରିଥିଲେ।'

# ଆସାମର ମନ୍ଦିର ଉପରକୁ ଫିଙ୍ଗା ଯାଇଥିଲା ଗୋମାଂସ; ପୁଲିସକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ, ବେଆଇନ କାର୍ଯ୍ୟକଳାପ ଦେଖିଲେ ଗୁଳି କର



ନୂଆଦିଲ୍ଲୀ, ୧୩/୬: ଆସାମର ଧୁବ୍ରି ଜିଲ୍ଲାରେ ବର୍ତ୍ତମାନ ସମୟରେ ଉଠିଥିବା ସାଂପ୍ରଦାୟିକ ଉତ୍ତେଜନା ପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଏଥର ବକ୍ରିଦରେ କିଛି ଅସାମାଜିକ ଯୁବକ ଧୁବ୍ରିର ହନୁମାନ ମନ୍ଦିରରେ ଗୋମାଂସ ଫିଙ୍ଗି ଏକ ଘୃଣ୍ୟ ଏବଂ ନିନ୍ଦନୀୟ ଅପରାଧ କରିଛନ୍ତି। ସେ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆମ ମନ୍ଦିର ଗୁଡ଼ିକୁ କ୍ଷତି ପହଂଚାଇବା ଉଦ୍ଦେଶ୍ୟରେ ସକ୍ରିୟ ହୋଇଛି, ତେଣୁ ଆମେ ପୋଲିସକୁ ବେଆଇନ କାର୍ଯ୍ୟକଳାପ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଛୁ। ସେ କହିଛନ୍ତି ଯେ, ଆଗାମୀ ବକ୍ରିଦରେ ଆବଶ୍ୟକ ହେଲେ, ମୁଁ ନିଜେ ସାରା ରାତି ହନୁମାନ ବାବାଙ୍କ ମନ୍ଦିରକୁ ଜଗିବି। ସେ ଏହା ବି ମଧ୍ୟ କହିଛନ୍ତି ଯେ,'ଧୁବ୍ରିରେ ଏକ ନୂତନ ଗୋମାଂସ ମାଫିଆ ଦେଖାଯାଇଛି, ଯିଏ ଇଦ୍ ପୂର୍ବରୁ ହଜାର ହଜାର ପଶୁ କିଣିଛି। ତଦନ୍ତ ଚାଲିଛି ଏବଂ ଦୋଷୀ ମାନଙ୍କୁ ଜେଲରେ ରଖାଯିବ। ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମୁଁ ଧୁବ୍ରି ଗସ୍ତ କରି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛି ଯେ ଆମର ମନ୍ଦିର ଏବଂ ପବିତ୍ର ସ୍ଥାନ ଗୁଡ଼ିକୁ ଅପବିତ୍ର କରୁଥିବା ଉପାଦାନ ଗୁଡ଼ିକ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ପାଳନ କରନ୍ତୁ। ସହରର ହନୁମାନ ମନ୍ଦିରରେ ଗୋମାଂସ ଫିଙ୍ଗିବା ଘଟଣା କେବେବି ଘଟିବା ଉଚିତ୍ ନଥିଲା ଏବଂ ଏଥିରେ ଜଡିତ ଲୋକଙ୍କୁ ଛଡାଯିବ ନାହିଁ। ଆମେ ଜିଲ୍ଲାରେ ଆଇନ ଶୃଙ୍ଖଳା ଲାଗୁ କରିବା ଏବଂ ସମସ୍ତ ସାଂପ୍ରଦାୟିକ ଶକ୍ତିକୁ ପରାସ୍ତ କରିବା ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧ।' ସୂଚନାଥାଉକି, ଗତ ରବିବାର ଆସାମର ଧୁବ୍ରି ସହରରେ ଏକ ମନ୍ଦିର ନିକଟରେ ମାଂସ ଫିଙ୍ଗିବା ବିରୋଧରେ ବିରୋଧ ପ୍ରଦର୍ଶନ ହୋଇଥିଲା, ଯାହା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲୁହବୁହା ଗ୍ୟାସ ବ୍ୟବହାର କରିବାକୁ ପଡିଥିଲା।

# ପ୍ରଥମ ଥର ସକ୍ରିୟ ମାମଲା ସଂଖ୍ୟା କମିଛି

ନୂଆଦିଲ୍ଲୀ ୧୩।୬: ଭାରତରେ କୋଭିଡ-୧୯ ମାମଲା ସାମାନ୍ୟ ହ୍ରାସ ହୋଇଛି। ଅନେକ ସପ୍ତାହ ପରେ ପ୍ରଥମ ଥର ଆକ୍ଟିଭ କେସ୍ ସଂଖ୍ୟା କମିଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟଙ୍କ ତଥ୍ୟ ଅନୁସାରେ ଜୁନ ୧୩ ତାରିଖରେ ଦେଶରେ ମୋଟ ୭,୧୩୧ଟି ଆକ୍ଟିଭ କେସ୍ ରହିଛି, ଯାହା ୧୨ ଜୁନର ଆକ୍ଟିଭ କେସ୍ ସଂଖ୍ୟା ୭,୧୫୪ରୁ ୨୩ କମ୍। ଏହି ଖବର ସେହିମାନଙ୍କ ପାଇଁ ଯେଉଁମାନେ କରୋନା ଭାରିଆଣ୍ଟକୁ ନେଇ ଚିନ୍ତିତ ଥିଲେ। ଗତ ୨୪ ଘଣ୍ଟାରେ ଦେଶରେ ୨୦୦ଟି ନୂଆ କୋଭିଡ କେସ୍ ରେକର୍ଡ ହୋଇଛି। ତେବେ ଏହି ସମୟରେ ୧,୪୨୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଫଳରେ ଆକ୍ଟିଭ ମାମଲା ସଂଖ୍ୟାରେ ୨୨୩ ହ୍ରାସ ହୋଇଛି। ଗୁଜରାଟରେ ସବୁଠୁ ଅଧିକ ୭୭ଟି ନୂଆ ମାମଲା ଚିହ୍ନଟ ହୋଇଥିବା ବେଳେ ରାଜସ୍ଥାନରେ ୩୨ ଓ ଉତ୍ତରପ୍ରଦେଶରେ ୨୪ ରହିଛି। ଏହି ସମୟରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶରେ ୧୪ଟି ଲେଖାଏଁ, ଆସାମରେ ୭, ହରିୟାଣା ଓ ଝାଡଖଣ୍ଡରେ ୫ଟି ଲେଖାଏଁ ପୁଡୁଚେରୀରେ ୪, ଲଦ୍ଦାଖରେ ୩ ଏବଂ ଓଡିଶାରେ ଗୋଟିଏ ନୂଆ ମାମଲା ସାମ୍ନାକୁ ଆସିଛି। ଏହି ସମୟରେ କେରଳରେ ଜନୈକ ୮୨ ବର୍ଷ ବୟସ୍କ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ହୋଇଛି। ଫଳରେ ଦେଶରେ ନୂଆ ଭାରିଆଣ୍ଟ ସଂକ୍ରମଣ ଯୋଗୁ ମୃତ୍ୟୁ ସଂଖ୍ୟା ୭୮କୁ ପହଞ୍ଚିଛି। କେରଳ ଏବେବି ୨,୨୨୩ ସକ୍ରିୟ ମାମଲା ସହିତ ଦେଶର ସବୁଠୁ ଅଧିକ ପ୍ରଭାବିତ ରାଜ୍ୟ ହୋଇ ରହିଛି।

# ଇନ୍‌ଫ୍ଲୁଏନସରଙ୍କ ହତ୍ୟା ଘଟଣା: 'ପ୍ରମୋଶନାଲ ସୁଟ୍' ପାଇଁ ଡାକି ଗଳା ଚିପିଥିଲେ ହତ୍ୟାକାରୀ



ଚଣ୍ଡିଗଡ, ୧୩/୬: ପଞ୍ଜାବର ଏକ ହସ୍ପିଟାଲର ପାର୍କିଂରୁ ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର ମୃତଦେହ ମିଳିଥିଲା। ପାର୍କ ହୋଇଥିବା କା ଭିତରୁ ତାଙ୍କର ମୃତଦେହ ମିଳିଥିଲା। ମୃତକଙ୍କ ନାମ ଥିଲା କମଲ କୌର ଭାବୀ। ଏବେ ଏହି ହତ୍ୟା ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ଏହି ଚାଂଚଲ୍ୟକର ମାମଲାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସହ ମୁଖ୍ୟ ଷଡଯନ୍ତ୍ରକାରୀ ଅମୃତପାଲ ସିଂହ ମେହରୋଁ ବର୍ତମାନ ଫେରାର ଥିବା ସାମ୍ନାକୁ ଆସିଛି। କମଲ କୌରଙ୍କ ମୃତଦେହ ଆଦେଶ ବିଶ୍ୱବିଦ୍ୟାଳୟର ପାର୍କିଂରେ ପାର୍କ ହୋଇଥିବା ଏକ କାରର ପଛ ସିଟରୁ ମିଳିଥିଲା। ସ୍ଥାନୀୟ ଲୋକମାନେ ଗାଡିରୁ ଦୁର୍ଗନ୍ଧ ବାହାରୁଥିବା ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଜଣାପଡ଼ିଛି ଯେ, କମଲ କୌରଙ୍କୁ ଅମୃତପାଲ ମେହରୋଁ ଏକ 'ପ୍ରମୋସନାଲ୍ ସୁଟିଂ' ବାହାନାରେ ଭଟିଣ୍ଡାକୁ ଡକାଇଥିଲେ। ସେ ଭଟିଣ୍ଡାରେ ପହଂଚିବା ମାତ୍ରେ, ଜସପ୍ରୀତ ସିଂହ ଏବଂ ନିମରତଜିତ ସିଂହ ଗଳାଚିପି ତାଙ୍କୁ ହତ୍ୟା କରିଥିଲେ ଏବଂ ମୃତଦେହକୁ ସେହି କାରରେ ଛାଡି ଫେରାର ହୋଇଯାଇଥିଲେ। ପୁଲିସକୁ ଭ୍ରମିତ କରିବା ପାଇଁ ଅଭିଯୁକ୍ତ କାରରେ ନକଲି ନମ୍ବର ପ୍ଲେଟ୍ ଲଗାଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। କଂଚନ କୁମାରୀ ସୋସିଆଲ ମିଡିଆରେ କମଲ କୌର ଭାବୀ ନାମରେ ପ୍ରସିଦ୍ଧ ଥିଲେ। ଇନଷ୍ଟାଗ୍ରାମରେ ତାଙ୍କର ୩.୮୩ଲକ୍ଷ ଫଲୋଅର୍ସ ଏବଂ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ 'ଫନି ଭାବୀ ଟିଭି'ରେ ୨.୩୬ ଲକ୍ଷ ସବସ୍କ୍ରାଇବ ର୍ଥିଲେ। ତାଙ୍କର କଂଟେଂଟ ବୋଲ୍ଡ ଥିଲା। ପୂର୍ବରୁ ମଧ୍ୟ ତାଙ୍କୁ ଏଥିପାଇଁ ହତ୍ୟା ଧମକ ମିଳିଥିଲା, ଯେଉଁଥିରେ ଜଣେ ପାକିସ୍ତାନୀ ଗ୍ୟାଙ୍ଗଷ୍ଟରଙ୍କ ନାମ ଆସିଥିଲା।

# ଆନ୍ତଃରାଜ୍ୟ ସାଇବର ଠକେଇ: ୬ ଗିରଫ




କଟକ(ନିପ୍ର): ଆନ୍ତଃରାଜ୍ୟ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ବିଭିନ୍ନ ରାଜ୍ୟର ୬ଜଣଙ୍କୁ ଗିରଫ କରିଛି । ୪ଟି ପୃଥକ ପୃଥକ ମାମଲାରେ ୬ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଂଗ ରାଜ୍ୟ ବର୍ଦ୍ଧମାନ ଜିଲ୍ଲାର ଦୁର୍ଗାପୁର ଷ୍ଟିଲ ଟାଉନ ଓ୍ୱେଷ୍ଟର ଅନୁସକା ମିତ୍ର (୨୪), ଗୁଜୁରାଟ ରାଜ୍ୟ ଭାବନଗର ଜିଲ୍ଲାର କାନ୍ତାରିଆ ଯୋଗେଶ ହର୍ଜିଭାଇ (୨୩), ଗୁଜୁରାଟ ରାଜ୍ୟ ରାଜକୋଟ ଜିଲ୍ଲାର

## କ୍ରାଇମବ୍ରାଞ୍ଚର ତଦନ୍ତ ଜାରି

କୋଟାକ କୌଶିକ (୩୬), ଗୁଜୁରାଟ ରାଜ୍ୟ ଭାବନଗର ଜିଲ୍ଲାର ବାଘେଲା ଅରବିନ୍ଦ ସିଂହ(୨୪), ଗୁଜୁରାଟ ରାଜ୍ୟ ଭାବନଗର ଜିଲ୍ଲାର ରୋହିଲ ଭି ଭଗତସିଂହ (୨୪) ଓ ଗୁଜୁରାଟ ଭାବନଗର ଜିଲ୍ଲାର ଧ୍ରୁବ ବିଜୟ ଭାଇ (୨୨)। ଅଭିଯୁକ୍ତମାନଙ୍କଠାରୁ ମୋବାଇଲ ଫୋନ, ସିମକାର୍ଡ଼, ଆଧାରକାର୍ଡ଼ ଓ ଏଟିଏମ କାର୍ଡ଼ ଜବତ କରାଯାଇଛି । ଏଥିସହ ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ କରିଛି । ଅଭିଯୁକ୍ତ ଅନୁସକା ମିତ୍ର ନାଁରେ ୭୪ଲକ୍ଷ ଟଙ୍କାର ସାଇବର ଠକେଇ ଅଭିଯୋଗ ରହିଛି । ଏହାଛଡ଼ା ଅନ୍ୟ ଅଭିଯୁକ୍ତ ମାନଙ୍କ ନାଁରେ ମଧ କୋଟି କୋଟି ଟଙ୍କାର ସାଇବର ଠକେଇ ଅଭିଯୋଗ ରହିଥିବା ଜଣାପଡ଼ିଛି । ଅଭିଯୁକ୍ତମାନଙ୍କୁ ଟ୍ରାନିକ୍ସ ରିମାଣ୍ଡରେ ଓଡ଼ିଶାକୁ ଅଣାଯାଇଛି ଏବଂ ଆଜି ସେମାନଙ୍କୁ ଛତ୍ରପୁର ଏସଡ଼ିଜେଏମ କୋର୍ଟରେ ହାଜର କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଶ୍ରୀଲକ୍ଷ୍ମୀନାରାୟଣ ମଠର ଦାୟିତ୍ୱ ନେଲେ ତହସିଲଦାର

ଶେରଗଡ(ନିପ୍ର): ଶେରଗଡ଼ ବଜାର ଛକରେ ବିଜେ ଶ୍ରୀ ଲକ୍ଷ୍ମୀନାରାୟଣ ମଠ। ବହୁ ପୁରୁଣା। ସେହି ମଠ ଠିକ୍ ଭାବେ ପରିଚାଳନା ହେଉନାହିଁ ଦେଖାଇ ଗ୍ରାମବାସୀ ମାନେ ପ୍ରଥମେ ଦେବୋତ୍ତର କମିଶନର ଓ ପରେ କୋର୍ଟର ଆଶ୍ରୟ ନେଇଥିଲେ। ସେହି କୋର୍ଟ ର ବିଚାରଣାରେ ସନ୍ତୁଷ୍ଟ ନହୋଇ ଗ୍ରାମବାସୀମାନେ କଟକ ହାଇକୋର୍ଟରେ ଆବେଦନ କରିଥିଲେ। କଟକ ହାଇକୋର୍ଟ ମାମଲା ଶୁଣାଣି କରି ଗ୍ରାମବାସୀମାନଙ୍କ ପକ୍ଷ ରଖିଥିଲେ। ହାଇକୋର୍ଟ ମାମଲା ନଂ ଡବ୍ଲ୍ୟୁପିସି-୯୦୮୦/ତା ୧୬/୫/୨୫ ପ୍ରକାରେ ତୁରନ୍ତ ଉକ୍ତ ମଠର ଦାୟିତ୍ୱ ସ୍ଥାନୀୟ ତହସିଲଦାରଙ୍କୁ ନେବା ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଦେବୋତ୍ତର ସହକାରୀ କମିଶନର କାର୍ଯ୍ୟାଳୟର ନିରୀକ୍ଷକ ଉପସ୍ଥିତ ରହି ଏହି କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ସମ୍ମାନ ଦେଇ ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ ଶୁକ୍ରବାର କୌଶଳକିଶୋର ଦାସଙ୍କ ଠାରୁ ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଯୁବକଙ୍କୁ ଅପହରଣ କରି ୩ ଜେଲ ଗଲେ

## ଖଣ୍ଡା ଓ କାର୍ ଜବତ

ଭୁବନେଶ୍ୱର(ନିପ୍ର): ଜଣେ ଯୁବତୀଙ୍କ ସହ ଅଭିଯୋଗକାରୀ ସୁନୀଲ ବେହେରା କଥା ହେବାକୁ ନେଇ ତାଙ୍କୁ ପ୍ରଥମେ ଅପହରଣ କରିବା ପରେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍ ୮ର ଅଭିଜିତ ଜୟନାରାୟଣ ଓରଫ ବବୁଲୁ (୨୩),ଶାନ୍ତି ସ୍ୱରୁପ ଓରଫ ବାପୁ (୧୯) ଓ ସେକ୍? ସରଫରାଜ ଓରଫ ରୋହନ (୧୯)। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ କାର (ଓଡ଼ି ୦୨ସିକ୍ୟୁ ୬୮୫୨) ଓ ଏକ ଖଣ୍ଡାକୁ ଜବତ କରିଛି । ସୂଚନାଥାଉ କି, ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଅଭିଯୋଗକାରୀ ସୁନୀଲ ବେହେରା ବାଇକରେ ସିଆରପି ଛକରୁ ଡିଏଭି ପାର୍ଶ୍ୱକୁ ଯାଉଥିବା ବେଳେ ଡିଏଭି ଛକ ନିକଟରେ ଅଭିଯୁକ୍ତମାନେ ଏକ କାରରେ ଆସି ତାଙ୍କୁ ବାଧା ଦେଇଥିଲେ। ପରେ ଅଭିଯୁକ୍ତମାନେ ସୁନୀଲଙ୍କୁ ଖରାପ ଭାଷାରେ ଗାଲିଗୁଲଜ କରିବା ସହ ଜୋରଜବରଦସ୍ତି କାରରେ ବସାଇ ଅପହରଣ କରି ନେଇଥିଲେ । ପରେ ଅଭିଯୁକ୍ତମାନେ କାର ଭିତରେ ସୁନୀଲଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଐଶ୍ୱଜା ନାମକ ଜଣେ ଯୁବତୀଙ୍କ ସହ ଯୋଗାଯୋଗ ନ କରିବାକୁ ଧମକ ଦେଇଥିଲେ। ପରେ ଅଭିଯୋଗକାରୀ ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କୁ ୟୁନିଟ୍ ୮ ଡିଏସବିଏମ ନିକଟରେ ଛାଡ଼ି ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଜାଣିବାକୁ ପାଇଥିଲା ଯେ, ଅଭିଯୋଗକାରୀ ସୁନୀଲ ଓ ଐଶ୍ୱଜା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି । ଉଭୟଙ୍କ ମଧ୍ୟରେ ଭଲ ସଂପର୍କ ରହିଛି । ଯାହାକୁ ଅଭିଯୁକ୍ତ ଅଭିଜିତ ସହଜରେ ଗ୍ରହଣ କରିପାରି ନ ଥିଲେ। ଐଶ୍ୱଜାଙ୍କ ସହ କଥା ନ ହେବାକୁ ସୁନୀଲଙ୍କୁ ଅପହରଣ କରି ଧମକଚମକ ଦେବା ଉଦ୍ଦେଶ୍ୟରେ ଏଭଳି କାଣ୍ଡ ଭିଆଇଥିବା ପୋଲିସ ଜାଣିବାକୁ ପାଇଛି ।

# ପୋଲିସ ପଞ୍ଝାରେ ୫ ଆନ୍ତଃରାଜ୍ୟ ବନ୍ଧୁକ ବ୍ୟବସାୟୀ

■ ଡିଲବେଳେ ମାଡ଼ିବସିଲା ସ୍ପେଶାଲ ସ୍କାଡ୍ ■ ୬ ବନ୍ଧୁକ ସହ ୧୮ରାଉଣ୍ଡ ଗୁଳି ଜବତ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ଅର୍ବାନ ପୋଲିସକୁ ଶୁକ୍ରବାର ଏକ ବଡ଼ଧରଣର ସଫଳତା ହାତରେ ଲାଗିଛି। ସ୍ପେଶାଲ ସ୍କାଡ୍ ଓ ଏୟାରପୋର୍ଟ ଥାନା ପୋଲିସ ମିଳିତ ଭାବେ ଚଢ଼ଉ କରି ଏୟାରପୋର୍ଟ ଅଂଚଳରେ ବନ୍ଧୁକ ଡିଲ ଚାଲୁଥିବା ବେଳେ ୫ ଆନ୍ତଃରାଜ୍ୟ ବନ୍ଧୁକ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବନ୍ଧୁକ ବ୍ୟବସାୟୀଙ୍କଠାରୁ ପୋଲିସ ୬ଟି ବନ୍ଧୁକ, ୧୮ ରାଉଣ୍ଡ ଗୁଳି ଏବଂ ଏକ କାରକୁ ଜବତ କରାଯାଇଛି। ଗିରଫ ବନ୍ଧୁକ ବ୍ୟବସାୟୀମାନଙ୍କ ଘର ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଅଂଚଳରେ ହୋଇଥିବା ବେଳେ ସେମାନଙ୍କ ଠାରୁ ବନ୍ଧୁକ କିଣୁଥିବା କଟକ ଜିଲ୍ଲା ସାଲେପୁରର ସେକ ସାକିଲଙ୍କୁ ମଧ୍ୟ ଗିରଫ କରିଛି। ଗିରଫ ହୋଇଥିବା ଅନ୍ୟ ବନ୍ଧୁକ ବ୍ୟବସାୟୀମାନେ ହେଲେ ଉତ୍ତରପ୍ରଦେଶର ପ୍ରବୀଣ କୁମାର ସିଂ (୪୦), ମଧ୍ୟପ୍ରଦେଶର ରାଘବେନ୍ଦ୍ର ସିଂ (୨୮),ଅଭିଶେକ ରାଜପୁତ (୩୧),ଇନ୍ଦ୍ରଜିତ ସିଂ (୩୮)। ଗିରଫ ପ୍ରବୀଣ ଦୀର୍ଘ ୨ ମାସ ହେଲା ବନ୍ଧୁକ ଉତ୍ତରପ୍ରଦେଶରୁ ଆଣି ଏହାକୁ ବିକ୍ରି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ରହୁଥିଲା। ପ୍ରବୀଣକୁ ମଝିରେ ମଝିରେ ଅନ୍ୟ ଅଭିଯୁକ୍ତମାନେ ବନ୍ଧୁକ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରୁ ଆଣି ଯୋଗାଉ ଥିଲେ। ବନ୍ଧୁକ ବ୍ୟବସାୟୀଙ୍କ ଗିରଫ ସଂକ୍ରାନ୍ତରେ ଶୁକ୍ରବାର ଅପରାହ୍ନରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡିସିପି ଜଗମୋହନ ମୀନା ଏକ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ପୂର୍ବରୁ ବିହାରର ମୁଙ୍ଗେରରୁ ଓଡ଼ିଶାକୁ ବନ୍ଧୁକ ଚାଲାଣ ହେବାର ନଜିର ରହିଥିଲା। କିନ୍ତୁ ଗତକିଛିଦିନ ହେବ ଉକ୍ତ ଅଂଚଳରୁ ବନ୍ଧୁକ ଓଡ଼ିଶା ଆସୁ ନ ଥିବା ପୋଲିସ ପାଖରେ ସୂଚନା ଥିଲା। କିନ୍ତୁ ରାଜଧାନୀରେ ଗତ କିଛିଦିନ ମଧ୍ୟରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଅଂଚଳରେ ପ୍ରସ୍ତୁତ ହେଉଥିବା ବନ୍ଧୁକକୁ ଅପରାଧୀମାନେ ବ୍ୟବହାର କରୁଥିବାନେଇ ସୂଚନା ରହିଥିଲା। ତେଣୁ ଏହି ବନ୍ଧୁକ ସବୁ କିଏ ଏବଂ କେଉଁ ପ୍ରକାର ଆଣି ଭୁବନେଶ୍ୱରରେ ବିକ୍ରି କରୁଛନ୍ତି ସେ ନେଇ ସ୍ପେଶାଲ ସ୍କାଡ୍ ସ୍ୱତନ୍ତ୍ର ଭାବେ ନଜର ରଖିଥିଲେ। ଏହିକ୍ରମରେ ଗୁରୁବାର ବିଳମ୍ବିତ ରାତିରେ ସ୍କାର୍ଡର ଅଧିକାରୀଙ୍କୁ ଏୟାରପୋର୍ଟ ଥାନା ଅଂଚଳରେ ବନ୍ଧୁକ ବ୍ୟବସାୟ ହେଉଥିବା ନେଇ ଏକ ସୂଚନା ହସ୍ତଗତ ହୋଇଥିଲା। ସୂଚନା ଆଧାରରେ ସ୍ଥାନୀୟ ଥାନା ପୋଲିସ ସେଠାରେ ସ୍କାର୍ଡ କର୍ମଚାରୀଙ୍କ ସହ ଚଢ଼ଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ପୋଲିସ କମିଶନର ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏନେଇ ଅଧିକ ତଦନ୍ତ ଚାଲୁଥିବା ଏବଂ ଏହି ବନ୍ଧୁକ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଜାରି ରହିଥିବା ଡିସିପି ସୂଚନା ଦେଇଛନ୍ତି। ଏଥିସହ ଜବତ ହୋଇଥିବା ବନ୍ଧୁକଗୁଡ଼ିକର ସେଭଳି କିଛି ସଠିକ ମୂଲ୍ୟ ନ ଥିବା ଜଣାପଡ଼ିଛି। ଆବଶ୍ୟକତା ଅନୁଯାୟୀ, ବେଆଇନ ବନ୍ଧୁକ ବ୍ୟବହାରକାରୀ ମାନେ ଏହାକୁ ଉଚିତ ଦାମ ଦେଇ କିଣୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ବୋମା ମାଡ଼: ଦୁଇ ଗୁରୁତର

ପୁରୀ(ନିପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଛୋଟପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକ ସେହି ଗ୍ରାମର ଜଣେ ରାସନ୍ ଦୋକାନୀଙ୍କ ଉପରକୁ ବୋମା ମାଡ଼ କରିଛି । ବୋମା ମାଡ଼ରେ ଦୋକାନୀ ବ୍ରଜବନ୍ଧୁ ମହାପାତ୍ର ଓ ତାଙ୍କର ଜଣେ ସମ୍ପର୍କୀୟ ଆଲୋକ ମହାପାତ୍ର ଗୁରୁତର ହୋଇ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୋମା ମାଡ଼ ସମ୍ପର୍କରେ ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ବୋମା ବିସ୍ଫୋରଣ ପରେ ଘଟଣା ସ୍ଥଳରେ ପଡ଼ିଥିବା କାଗଜ ସୁତୁଲି ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି । ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଜାରି ରହିଛି।

# ଜମି ଦେବା ନାଁରେ ୩୦ ଲକ୍ଷ ଠକେଇ: ଅଭିଯୁକ୍ତକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ନିପ୍ର): ଜମି ଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୩୦ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଚିତ୍ରସେନ ବେହେରା ଓରଫ ଧଉଳା (୪୦) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ କାମେନା ଅଂଚଳରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଜମି ସଂକ୍ରାନ୍ତୀୟ ଏକାଧିକ କାଗଜପତ୍ର ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ମନୋରଞ୍ଜନ ମିଶ୍ର ୨୦୨୨ ଡିସେମ୍ବର ୯ ତାରିଖରେ କେସୁରା ମୌଜାରେ ଜାଗା କିଣିବା ଲାଗି ଅଭିଯୁକ୍ତ ଧଉଳାଙ୍କୁ ୩୦ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଏନେଇ ଏକ ଚୁକ୍ତି ହୋଇଥିଲା। ଯେଉଁଥିରେ ଅଭିଯୁକ୍ତ ୩ ମାସ ମଧ୍ୟରେ ଅଭିଯୋଗକାରୀଙ୍କୁ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୩ ମାସ ବିତି ଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ଅଭିଯୁକ୍ତ ଜମି ଯୋଗାଇ ଦେଇପାରି ନ ଥିଲେ। ଫଳରେ ଅଭିଯୋଗକାରୀ ବାରମ୍ବାର ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ କହୁଥିଲେ ମଧ୍ୟ ସେ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲେ। ଫଳରେ ଏନେଇ ମନୋରଞ୍ଜନ ଥାନାର ଦ୍ୱାରସ୍ଥ ହେବା ପରେ ଅଭିଯୁକ୍ତ ଧଉଳା ୬ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ ମଧ୍ୟ ବାକି ଟଙ୍କା ଦେଇ ନ ଥିଲେ। ପରେ ଟଙ୍କା ଦେବାକୁ କହି ଯେଉଁ ଚେକ୍ ପ୍ରଦାନ କରିଥିଲେ ତାହାର ବ୍ୟାଙ୍କରେ ବାଉନ୍ସ ହୋଇଥିଲା। ପରେ ଜୁନ ମାସରେ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଭେଟି ଟଙ୍କା ବାବଦରେ କହିବାରୁ ତାଙ୍କୁ ଅଭିଯୁକ୍ତ ଧମକଚମକ ଦେଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଚିତ୍ରସେନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ନିଶାସକ୍ତ ଡ୍ରାଇଭର ଗିରଫ

ଭୁବନେଶ୍ୱର(ନିପ୍ର): ଖଣ୍ଡଗିରି ଥାନା ପୋଲିସ ଶୁକ୍ରବାର ନିଶା ସେବନ କରି ଗାଡ଼ି ଚଳାଇବା ଏବଂ ପରବର୍ତ୍ତୀ ସମୟରେ ଏକ ଗାଡ଼ିକୁ ଧକ୍କା କରିବା ଅଭିଯୋଗରେ ଜଣେ ନିଶାସକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭରଙ୍କ ନାମ ସୁମନ ସିରୋମଣି (୨୮) ଓ ତାଙ୍କ ଘର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନବୀନ ନିବାସ ପଛପାଖରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ବରମୁଣ୍ଡା ସ୍ଥିତ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତାରେ ଏକ ବଡ଼ଧରଣର ଗାଡ଼ି ଦୁଘର୍ଟଣା ଘଟାଇଥିଲେ। ନିଶାସକ୍ତ ହୋଇ ଏକ ଅଟୋକୁ ଧକ୍କା ଦେବାରୁ ୨ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ପାଟ୍ରୋଲିଂ ଟିମ ଘଟଣାସ୍ଥଳରେ ପହଂଚି ନିଶାସକ୍ତ ସୁମନଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ବନମାଳୀ ମଲ୍ଲିକ ଓରଫ ଲକି ଓ ତାଙ୍କ ଘର ସ୍ଥାନୀୟ ଥାନା ଭୁବନପୁରରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଏକ କ୍ରିକେଟ ବ୍ୟାଟକୁ ପୋଲିସ ଜବତ କରିଛି। ସୂଚନାଥାଉ କି, ଗାଁର ଏକ ରାସ୍ତା ଅବରୋଧକୁ ନେଇ ଅଭିଯୁକ୍ତ ବନମାଳୀ ଅଭିଯୋଗକାରୀ ରାଜକୁମାର ଜେନାଙ୍କୁ ଗୁରୁବାର ପୂର୍ବାହ୍ନ ୯ଟା ସମୟରେ ଏକ କ୍ରିକେଟ ବ୍ୟାଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଯଦିଓ ଅଭିଯୁକ୍ତ ଅଭିଯୋଗକାରୀଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ନିଜ ହାତ ସାହାର୍ଯ୍ୟରେ ନିଜକୁ ଲକ୍ଷ୍ୟ କରିଥିଲେ ମଧ୍ୟ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅଭିଯୋଗକାରୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ବନମାଳୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଷ୍ଟାଇଲ ସୁ'ରେ ନକଲି ଜୋତା, ପୋଲିସ ଚଢ଼ାଉ

ଭୁବନେଶ୍ୱର(ନିପ୍ର): ରାଜଧାନୀର ଛାତି ଉପରେ ଥିବା ଏକ ନାମକରା ଜୋତା ଦୋକାନ 'ଷ୍ଟାଇଲ ସୁ'ରେ ନକଲି ଜୋତା ବେପାର ହେଉଛି। ଏଭଳି ଅଭିଯୋଗ ମିଳିବା ପରେ ଆଜି ପୋଲିସ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଲକ୍ଷାଧିକ ଟଙ୍କାର ନକଲି ଜୋତା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଭୁବନେଶ୍ୱରରେ ଦାମୀ ବ୍ରାଣ୍ଡ 'କ୍ରସ୍' ଜୋତାର ନକଲି ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଜୋତାକୁ ନେଇ ବାରମ୍ବାର ଅଭିଯୋଗ ହେବା ପରେ କମ୍ପାନୀର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ଆସିଥିଲା। ଜନପଥର ଅଶୋକ ନଗରରେ ଥିବା 'ଷ୍ଟାଇଲ ସୁ'କୁ କମ୍ପାନୀ ପ୍ରତିନିଧି ଦଳ ଗ୍ରାହକ ସାଜି ଯାଇଥିଲେ। ଜୋତା କିଣିବା ପରେ ଏହା ନକଲି ବୋଲି ଜଣାପଡିଥିଲା। ପରେ ଏନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଟିମ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବିପୁଳ ପରିମାଣର ନକଲି କ୍ରସ୍ କମ୍ପାନୀ ଜୋତା ଜବତ କରାଯାଇଛି। ପୋଲିସ ଜୋତା ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହିତ ଅନ୍ୟ କମ୍ପାନୀର ଟିମ୍‌ଙ୍କୁ ଆସି ଦୋକାନରେ ଅସଲି-ନକଲି ଯା କରିବାକୁ ପୋଲିସ ଆହ୍ୱାନ ଦେଇଛି। ଅସଲି ପଇସା ନେଇ ନକଲି ଜୋତା ବିକ୍ରି କରି ମାଲାମାଲ ହେଉଥିବା ଏହି ଦୋକାନୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# ଘରୁ ତାଲାଭାଙ୍ଗି ଚୋରି, ୨ ଅଭିଯୁକ୍ତଙ୍କୁ ଜେଲ ପଠାଗଲା

ଭୁବନେଶ୍ୱର(ନିପ୍ର): ଅଭିଯୋଗକାରୀ ଘରେ ନ ଥିବାବେଳେ ଘରର ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶୁକ୍ରବାର ୨ ଜଣ ଚୋରକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଚୋରଙ୍କ ନାମ ପ୍ରୀତି ରଞ୍ଜନ ବିଶ୍ୱାଳ (୨୨) ଓ ଅମର ମହାରଣା (୩୩)। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ଟି ସୁନା ଚେନ, ଗୋଟାଏ ସୁନା ହାର, ଦୁଇଟି କାନଫୁଲ, ୪ଟି ମୁଦି, ୨ଟି ମଙ୍ଗଳସୂତ୍ର ଓ ନଗଦ ୪୦ ହଜାର ଟଙ୍କାକୁ ପୋଲିସ ଜବତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଜ୍ଞାନରଞ୍ଜନ ସେନାପତି ଗତ ୮ ତାରିଖରେ କୈଳାସ ବିହାର ସ୍ଥିତ ନିଜ ଘରକୁ ତାଲା ପକାଇ ଭଦ୍ରକ ଯାଇଥିଲେ। ୧୦ ତାରିଖ ଘରକୁ ଫେରିବା ପରେ ଘରେ ଏକ ନୂଆ ତାଲା ଲାଗିଥିବା ଦେଖିବାକୁ ପାଇଥିଲେ। ଫଳରେ ଅଭିଯୋଗକାରୀ ଘରର ତାଲାଭାଙ୍ଗି ଭିତରକୁ ଯିବାରୁ ଘର ଭିତରେ ଥିବା ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଂଚଳରେ ଲାଗିଥିବା ସିସିଟିଭି ଆଧାରରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ସୁନା ଅଳଙ୍କାର ଏବଂ ନଗଦ ଟଙ୍କାକୁ ଜବତ କରିଛି।

# ଜିଲ୍ଲାସ୍ତରୀୟ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା

ଛତ୍ରପୁର(ନିପ୍ର): ଗଞ୍ଜାମ ଜିଲ୍ଲା ସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଗୋପାଳପୁର ସ୍ଥିତ ଥିବା ପ୍ରମୋଦ ଲାଣ୍ଡ ଆଣ୍ଡ ରିସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରାମର୍ଶ କର୍ମଶାଳାରେ ରାଜ୍ୟ ସରକାରଙ୍କ ଆଇନ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଆଗାମୀ ଦିନରେ ଜିଲ୍ଲାର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ କୁ ଧନ୍ୟବାଦ ଦେବା ସହ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ନିର୍ବାଚନ ଜିତି ସରକାର ଗଠନ ପରେ ନିଜର ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ସରକାର ଚାଷୀଙ୍କୁ ୮୦୦ ଟଙ୍କା ଇନପୁଟ



ସହାୟତା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ, ଜଗନ୍ନାଥ ଙ୍କ ୪ ଦ୍ୱାର ଖୋଲିବା ଭଳି ବିଭିନ୍ନ ନିଷ୍ପତ୍ତିକୁ ବିଗତ ଏକ ବର୍ଷ ମଧରେ ପୂରଣ କରାଯାଇଛି। ୨୧ ଟି ସଂକଳ୍ପ ମଧରୁ ୧୧ ଟି ପ୍ରଥମ ବର୍ଷରେ ପରିପୂର୍ଣ କରାଯାଇଛି, ପ୍ରକୃତରେ ସରକାର କଥା ଦେଇ କଥା ରଖିଛନ୍ତି, ୨୦୪୭ ବେଳକୁ ଭାରତ ବର୍ଷରେ ବିକଶିତ ଚେହେରା ପ୍ରସ୍ଫୁଟିତ ହୋଇପାରିବ, ୨୦୩୬ ବେଳକୁ ଓଡିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବା ସାଙ୍ଗକୁ ଓଡ଼ିଶାର ଅର୍ଥନୀତି କୁ ୫୦୦ ମିଳିୟନ ୟୁଏସ ଡ଼ଲାର ଏବଂ ୨୦୪୭ ବେଳକୁ ୧୫୦୦ ମିଲିଆନ ୟୁଏସ ଡଲାର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କହିଥିଲେ । ଏହି ଅବସରରେ ଛତ୍ରପୁର ୟୁରୋ ସ୍କୁଲର ଅଧକ୍ଷ ତଥା ଆଇନଜୀବୀ ରଂଜନ କୁମାର ମହାପାତ୍ର ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ବିକାଶ ଲାଗି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ବିଇଡ଼ି ପାଠ୍ୟକ୍ରମ ଖୋଲାଗଲେ ଛାତ୍ର ଛାତ୍ରୀଙ୍କ ବିକାଶ ହୋଇପାରିବ, ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ଅଡିଓ ଭିଡିଓ ମାଧ୍ୟମରେ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ସୁବିଧା କରିବା ସହିତ ସରକାରଙ୍କ ପକ୍ଷରୁ କରାଯାଇଥିବା ସ୍ୱୟଂ ଓ ଦୀକ୍ଷା ନାମକ ୨ଟି ଓ୍ୱେବସାଇଟ ମାଧ୍ୟମରେ ଶିକ୍ଷଦାନ ପଦ୍ଧତି ପର୍ଯ୍ୟାପ୍ତ କରାଗଲେ ଛାତ୍ର ଛାତ୍ରୀଙ୍କ ଶିକ୍ଷା କ୍ଷେତ୍ର ରେ ବିକାଶ ହୋଇପାରିବ ଏବଂ ପ୍ରାଇମେରୀ ସ୍କୁଲ ମାନଙ୍କରେ ଆବାକସ କିମ୍ବା ବେଦିକ ମେଥର ଉପଯୋଗ କରାଇପାରିଲେ ଛାତ୍ରଛାତ୍ରୀଙ୍କ ଗାଣିତିକ ଶିକ୍ଷାର ବିକାଶ ହୋଇପାରିବ ବୋଲି ଶ୍ରୀ ମହାପାତ୍ର କହିଥିଲେ ।

# ବୁଗୁଡ଼ା ଅଞ୍ଚଳରେ ବୁଲିଲା ନିଶା ନିବାରଣ ସଚେତନତା ରଥ

ବୁଗୁଡ଼ା(ନିପ୍ର): ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ସହ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାରକୁ ସମ୍ପୂର୍ଣ୍ଣ ରୋକିବା ଲାଗି ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତାପସ ରାଉତ ସବୁଜ ପତାକା ଦେଖାଇ ଏହି ନିଶା ନିବାରଣ ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ବୁଗୁଡା ଏନ୍ଏସି ସମେତ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ନିଶା ନିବାରଣ ନିମନ୍ତେ ଜନ ସଚେତନତା ସୃଷ୍ଟି କରିଥିଲା। ରଥ ପରିକ୍ରମା ଅବସରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ନିଶା ଦ୍ରବ୍ୟ ସେବନଠୁ ଦୂରେଇ ରହିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଅବକାରୀ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଜମି ଅଧିଗ୍ରହଣ ହୋଇନି ବେଆଇନ ଭାବେ ଓ୍ୱାଟକୋ କରୁଛି ପାନୀୟଜଳ ପ୍ରକଳ୍ପ !

# ରାଜସ୍ୱ ବିଭାଗ ନେଉନି କାର୍ଯ୍ୟାନୁଷ୍ଠାନ: ଉଚ୍ଚସ୍ତରୀୟ ତଦନ୍ତ ଦାବି

କୋଣାର୍କ(ନିପ୍ର୍ୟ କୋଣାର୍କ ଏନଏସିର ଚାରିଗୋଟି ସ୍ଥାନରେ ଜମି ଅଧିଗ୍ରହଣ ନ କରି ପୁରୀ ଜିଲ୍ଲା ଓ୍ୱାଟକୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବେଆଇନ୍ ଭାବେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଏଭଳି ଆଇନ ଉଲ୍ଲଂଘନ କାର୍ଯ୍ୟ ଉପରେ ସ୍ଥାନୀୟ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବ ଦ୍ରଷ୍ଟା ସାଜିବା ଘଟଣାକୁ ନେଇ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ମାନଙ୍କ ମଧ୍ୟରେ ରାଜସ୍ୱ ବିଭାଗର ସ୍ୱଚ୍ଛତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖବରରୁ ପ୍ରକାଶ ଯେ, ପୁରୀ ଜିଲ୍ଲା ଓ୍ୱାଟକୋ ଡିଭିଜନ ପକ୍ଷରୁ କୋଣାର୍କ ଏନଏସି ଅଧିନସ୍ଥ ମାଧିପୁର ମୌଜାର ପ୍ଲଟନଂ-୩୩୨ରେ ୨୦ ଡିସିମିଲି, କୋଣାର୍କ ମୌଜାର ପ୍ଲଟନଂ-୧୩୨୧ରେ ୨୦ ଡିସିମିଲି, ପ୍ଲଟନଂ-୧୯୨୯ରେ ୧.୮୭ ଡିସିମିଲି, ପ୍ଲଟନଂ-୧୯୦୩ରେ ୧୩ ଡିସିମିଲି ଓ ପ୍ଲଟନଂ-୧୬୦୪/୧୭୨୧ରେ ୧.୮୦ ଡିସିମିଲି ଜାଗାରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଗତ ୧୯-୧୦-୨୪ ତାରିଖରେ ଚିଠିନଂ-୩୧୦୩ ଯୋଗେ ପତ୍ର ମାଧ୍ୟମରେ ଜାଗା ପ୍ରଦାନ କରିବା ପାଇଁ ଗୋପ ତହସିଲଦାରଙ୍କୁ ଅବଗତ କରାଇଥିଲେ। ମାତ୍ର ଏହି ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ପାଇଁ ଓ୍ୱାଟକୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ-୧ ଫର୍ମରେ ଜମି ଅଧିଗ୍ରହଣ ନିମନ୍ତେ ଗୋପ ତହସିଲଦାରଙ୍କୁ ଆବେଦନ କରିବାର ସରକାରୀ ନିୟମ



ରହିଛି। ମାତ୍ର ଓ୍ୱାଟକୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗୋପ ତହସିଲ କାର୍ଯ୍ୟାଳୟକୁ ଜମି ଅଧିଗ୍ରହଣ ପାଇଁ ଆବେଦନ କରାନଯାଇ ସରକାରୀ ଆଇନର ଖୋଲା ଉଲଂଘନ କରି କୋଣାର୍କ ଏନଏସିର ନାଗାମଠ ଗ୍ରାମର ବାଡିଆ ବନ୍ତ, ମହାବୀର ମଠ ସମ୍ମୁଖ ସ୍ଥାନ, କୋଣାର୍କ ବସଷ୍ଟାଣ୍ଡ ଓ କୋଣାର୍କ ପଶୁ ଡାକ୍ତରଖାନା ପରିସରରେ ବେଆଇନ ଭାବେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଛି। ଓ୍ୱାଟକୋ କର୍ତ୍ତୃପକ୍ଷଙ୍କ ଏଭଳି ସରକାରୀ ବିରୋଧୀ କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ଗୋପ ତହସିଲଦାରଙ୍କୁ ଅବଗତ କରାଯାଇଥିଲା ବେଳେ ରାଜସ୍ୱ ବିଭାଗ ଉଦାସୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବ ଦ୍ରଷ୍ଟା ସାଜିଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଓ୍ୱାଟକୋ କର୍ତ୍ତୃପକ୍ଷ ଜମିଅଧିଗ୍ରହଣ ଓ ଜମିର କିସମ ପରିବର୍ତ୍ତନ ନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବେଳେ ରାଜସ୍ୱ ବିଭାଗର ନୀରବ ଦ୍ରଷ୍ଟା ସାଜିବା ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନାଙ୍କୁ ପଚାରିବାରେ ସେ କୁହନ୍ତି ଜମି ଅଧିଗ୍ରହଣ ନ ହୋଇ ପ୍ରକଳ୍ପ କାର୍ଯ୍ୟ କରିବା ଆଇନ ସମ୍ମତ ନୁହେଁ। ଏହି ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି ଘଟଣା ସମ୍ପର୍କରେ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରି ଆଇନଗତ ପ୍ରକ୍ରିୟାରେ ଓ୍ୱାଟକୋ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇ ସରକାରୀ ନିୟମ ଅନୁଯାୟୀ ଜମି ଅଧିଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।




ରଜପାଇଁ ଚାଲିଛି ସବୁ ପ୍ରସ୍ତୁତି.. (ଫଟୋ- ଦିନଲିପି)

# ନାବାଳିକା ଶିଶୁକନ୍ୟାକୁ ଧର୍ଷଣ ଉଦ୍ୟମ କରି ବଡ଼ବାପା ଗିରଫ

କାକଟପୁର, ୧୩/୬(ନିପ୍ର): କାକଟପୁର ଥାନା ଅଧିନସ୍ଥ ବାଙ୍ଗୁରୀଗାଁରେ ଏକ ନାବାଳିକା ଶିଶୁ କନ୍ୟାକୁ ଧର୍ଷଣ ଉଦ୍ୟମ କରିବା ଅଭିଯୋଗରେ ନାବାଳିକାର ବଡ଼ବାପାକୁ କାକଟପୁର ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଖବରରୁ ପ୍ରକାଶ ଗତ ୧୧ ତାରିଖ ବୁଧବାର ସନ୍ଧ୍ୟାରେ ଅଢେଇ ବର୍ଷର ନାବାଳିକା ଶିଶୁ କନ୍ୟା ଅଗଣାରେ ଖେଳୁଥିବା ବେଳେ ତାର ବଡ଼ବାପା ଘର ମଧକୁ ଡାକିନେଇଥିଲା । ନାବାଳିକା ଶିଶୁ କନ୍ୟାକୁ ଜାବୁଡି ଧରି ଦୁଷ୍କର୍ମ ଉଦ୍ୟମ କଲା ବେଳକୁ ନା ବାଳିକା ଶିଶୁ କନ୍ୟାଟି ଜୋରରେ କାନ୍ଦିବାରୁ ନାବାଳିକାର ମା ହଠାତ ଘର ଭିତରକୁ ଦୌଡ଼ି ଆସି ଦେଖିବାରୁ ଦେଢଶୁର ସଂପୂର୍ଣ୍ଣ ଉଲଗ୍ନ ହୋଇ ଦୁଷ୍କର୍ମ ପାଇଁ ଉଦ୍ୟମ କରୁଛି । ନାବାଳିକା ମା ଗୋଡ଼ ହାତ ଧରି ଭୁଲ ମାଗିବା ସହିତ ଏଭଳି ଘଟଣା କାହା ଆଗରେ ନ କହିବାକୁ ଅନୁରୋଧ କରିଥିଲା । କିନ୍ତୁ ନାବାଳିକାର ମା କାକଟପୁର ଥାନାରେ ଅଭିଯୋଗ କରିବା ପରେ ଏସଂକ୍ରାନ୍ତରେ କାକଟପୁର ଥାନାରେ ୧୪୩/୨୫ ଏକ ମକଦ୍ଦମା ରୁଜୁ କରାଯାଇ ଦଫା / ଏସ ୬୫(୨)୬୨ ବିଏନଏସଆର ଡବ୍ଲ୍ୟୁ ୮/୨ ପୋକ୍‌ସୋ ଆକ୍ଟରେ ଅଭିଯୁକ୍ତକୁ ଗିରଫ କରାଯାଇ ପୁରୀ ପୋକ୍‌ସୋ କୋର୍ଟକୁ ପଠାଯାଇଛି ।

# ୧ ଲକ୍ଷ ଟଙ୍କା ଟପିଲା ସୁନା ଦର



ଭୁବନେଶ୍ୱର,୧୩।୬(ନିପ୍ର) : ଶୁକ୍ରବାର ପୁଣି ସମସ୍ତ ରେକର୍ଡ ଭାଙ୍ଗି ୧ ଲକ୍ଷ ଟଙ୍କା ଟପିଛି ସୁନା ଦର । ଫଳରେ ସଭିଁଙ୍କ ଚିନ୍ତା ବଢାଇ ଦେଇଛି ।୨୪ କ୍ୟାରେଟ୍ ୧୦ ଗ୍ରାମ୍ ସୁନା ଦାମ୍ ୧,୦୧,୪୦୦ ଟଙ୍କାରେ ପହଞ୍ଚିଛି । ଗତକାଲି ଏହା ୯୯,୨୮୦ ଟଙ୍କା ଥିଲା । ଏଥିରେ ୨,୧୨୦ ଟଙ୍କା ବୃଦ୍ଧି ହୋଇଛି । ୨୨ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍‌କୁ ୯୨,୯୫୦ ଟଙ୍କା ହୋଇଛି । ଗତକାଲି ୯୧,୦୦୦ ଟଙ୍କା ଥିଲା । ଏଥିରେ ୧,୯୫୦ ଟଙ୍କା ବୃଦ୍ଧି ହୋଇଛି ।୧୮ କ୍ୟାରେଟ୍ ସୁନା ଦାମ୍ ୭୬,୦୫୦ ଟଙ୍କା ରହିଛି । ଗତକାଲି ୭୪,୪୬୦ ଟଙ୍କା ଥିଲା । ଏଥିରେ ୧,୫୯୦ ଟଙ୍କା ବୃଦ୍ଧି ହୋଇଛି ।

# ପୃଥକ୍ ପୃଥକ ସ୍ଥାନରେ ହାତୀ ନେଲା ୩ ଜୀବନ

ଭୁବନେଶ୍ୱର,୧୩।୬:କେନ୍ଦୁଝର ଜିଲ୍ଲାର ପୃଥକ୍ ପୃଥକ ସ୍ଥାନରେ ହାତୀ ଆକ୍ରମଣରେ ୩ ଜଣଙ୍କ ଜୀବନ ଯାଇଛି । ଗୁଆଳି ପଂଚାୟତର ସନ୍ତୋଷ ମୁଣ୍ଡା ଓ ରୀନା ମୁଣ୍ଡା ଶାଳ ପତ୍ର ସଂଗ୍ରହ ଲାଗି ଯାଇଥିବା ବେଳେ ହାତୀ ପ୍ରଥମେ ରୀନାଙ୍କୁ ଶୁଣ୍ଡରେ ଟେକି କଚି ଦେଇଥିଲା । ପରେ ସନ୍ତୋଷଙ୍କୁ ଗୋଡ଼େଇ ଆକ୍ରମଣ କରିଥିଲା । ଏହି ଦମ୍ପତିଙ୍କ ମୃତ୍ୟୁ ଘଟିଛି । ସେହିଭଳି ଯୋଡା ବ୍ଲକ କାଳିମାଟିରେ ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଯାଇଛି ।

# ଚିଲିକା ମଝିରେ ଫସିଲେ ଯାତ୍ରୀ



**କୃଷ୍ଣପ୍ରସାଦ,୧୩/୬ (ନିପ୍ର):** ତୀର୍ଥକ୍ଷେତ୍ର ପୁରୀ ତଥା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧରେ ବିପଦଜନକ ଯାତ୍ରା କରିଥାନ୍ତି । ପ୍ରତିଦିନ ଭଳି ଶୁକ୍ରବାର ଅପରାହ୍ନ ସମୟରେ ସାତପଡ଼ାରୁ ଏକ ଯାତ୍ରୀବାହୀ ଡ଼ଙ୍ଗା ୩୦ ଯାତ୍ରୀ ଏବଂ ୧୫ରୁ ଅଧିକ ମୋଟର ସାଇକେଲ ନେଇ ଜହ୍ନିକୁଦା ଅଭିମୁଖେ ଆସୁଥିବା ବେଳେ ମଝି ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ବହୁ ଚେଷ୍ଟା କରି ଡ଼ଙ୍ଗା ଚାଳକ ଶେଷରେ ମୋଟର ନ ଚାଲିବା ଯୋଗୁଁ ଡ଼ଙ୍ଗାଟି ମହିଁଷା ନିକଟ ମଝି ଚିଲିକାରେ ଅଟକିଥିଲା । ଡ଼ଙ୍ଗା ଚିଲିକା ମଧରେ ଅଟକିବା ଯୋଗୁଁ ଯାତ୍ରୀ ମାନେ ହୋ ହଲ୍ଲା ସହ ଚିତ୍କାର କରିଥିଲେ । ଯାତ୍ରୀମାନେ ୧ ଘଣ୍ଟାରୁ ଅଧିକ ସମୟ ଜଳବନ୍ଦୀ ପରେ ଅନ୍ୟ ଏକ ଡ଼ଙ୍ଗା ସହାୟତାରେ ଜହ୍ନିକୁଦା ଜେଟି କୂଳରେ ପହଁଚିଥିଲେ । ଚିଲିକାର ଏହି ରାସ୍ତାରେ କେବେ ଭସାପୋଲ ତ କେବେ ଡ଼ଙ୍ଗା ଏହିଭଳି ଦୁର୍ଘଟଣା ଘଟାଇଥିବା ନିତିଦିନିଆ ଘଟଣା ହୋଇଯାଇଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି ।


OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
B-212

60Estg.No - 4163 Date – 12/06/2025

Government of Odisha "e"-Procurement Notice No ( 09 ) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | E.I. ( Road) Work |
| 2 | Total No of works | 1no. work |
| 3 | Estimated Cost | i) Rs. 33,76,114/- |
| 4 | Class of Contractor | Sl No 1 - "HT" Class Contractor |
| 5 | Period of Completion | 2 (two ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From **16/06/2025 at 11.30 A.M. to 26/06/2025 at 5.30 P.M** |
| 8 | Last Date & Time for Receipt of bids in the Portal | **26/06/2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division No III, Bhubaneswar |

. Further details can be seen from the e-procurement portal https://tendersorissa.gov.in
*N.B: Subsequent corrigendum / addendum if required shall be available in the website as indicated above*

**Sd/- Superintending Engineer**
**BBSR (R&W) Division No.III, BBSR**
**OIPR-34089/11/0029/2526**


■ ଜାତୀୟ ଉପ- କନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତା

# ଓଡ଼ିଶାକୁ ୨ସ୍ୱର୍ଣ୍ଣ, ୨ରୌପ୍ୟ ଓ ୫ କାଂସ୍ୟ ପଦକ




ଭୁବନେଶ୍ୱର, ୧୩/୬(ନିପ୍ର): ଉତ୍ତରାଖଣ୍ଡ ର ଡେରାଡୁନ ଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ , ଉପ-କନିଷ୍ଠ , ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତାରେ ଆଜି ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଓଡିଶା ଦଳକୁ ୨ ଟି ସ୍ୱର୍ଣ , ୨ ଟି ରୋପ୍ୟ ଓ ୫ ଟି କାଂସ୍ୟ ପଦକ ହାସଲ ହୋଇସାରିଛି । ବିଶ୍ୱ କରାଟେ ସଂଘର ସୀକୃତି ପ୍ରାପ୍ତ ଜାତୀୟ କରାଟେ ସଂଘ , କରାଟେ ଇଣ୍ଡିଆ ଅର୍ଗାନାଇଜେସନ ଦ୍ୱାରା ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡିଶା ରାଜ୍ୟ କରାଟେ ଡୋ ସଂଘ ଦ୍ୱାରା ଗତ ରାଜ୍ୟ କରାଟେ ପ୍ରତିଯୋଗିତାରୁ ମନୋନୀତ ହୋଇ ଥିବା ଖେଳାଳି ମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଗତ ଯୁବ ଏସିଆ ବାଳିକା କାଟା ବିଭାଗରେ କାଂସ୍ୟ ପଦକ ଲାଭ କରିଥିବା ଓଡିଶାର ସୁଶ୍ରୀ ଆଲିସା ଶୁବୁଦ୍ଧି ଙ୍କୁ ରୋପ୍ୟ ପଦକ ହାସଲ ହୋଇଛି , ଯୁବ ବାଳକ ୫୨ କିଲୋ ଫାଇଟିଙ୍ଗ ବିଭାଗରେ ଓମ ସତ୍ୟମ ମହାନ୍ତି ଙ୍କୁ ରୋପ୍ୟ , ୬୧ କିଲୋ ବାଳିକା ଫାଇଟିଙ୍ଗ ବିଭାଗରେ ତପସ୍ୱିନୀ ନାୟକ କାଂସ୍ୟ , କନିଷ୍ଠ ବାଳିକା କାଟା ବିଭାଗରେ ସୁପ୍ରିୟା ମହାନ୍ତି ଙ୍କୁ କାଂସ୍ୟ , ଜୁନିଅର ବାଳକ ୬୮ କିଲୋ ବିଭାଗ ଫାଇଟିଙ୍ଗ ରେ ଆର୍ଯ୍ୟବ୍ରତ ବିଶ୍ୱାଳ କାଂସ୍ୟ , କନିଷ୍ଠ ପୁରୁଷ ଦଳଗତ କାଟା ରେ ଶୁଭମ ଦାଶ , ଦୋଳ ଗୋବିନ୍ଦ ବେହେରା , ରିତେଶ ପାତ୍ର , ଓ ଅଂଶୁମାନ ମିଶ୍ର ଙ୍କୁ କାଂସ୍ୟ , ବାଳିକା ଦଳଗତ କାଟା ରେ ଅଲିଶା ଶୁବୁଦ୍ଧି , ସୁପ୍ରିୟା ମହାନ୍ତି ତମନା ମେହେର , ସ୍ୱେତାଜ୍ଞାନା ସାହୁ ଙ୍କୁ କାଂସ୍ୟ ପଦକ ଲାଭ ହୋଇଛି । ଓଡିଶାର ଅଂଶୁମାନ ଆଚାର୍ଯ୍ୟ ଯୁବ ୭୦ କିଲୋ ଫାଇଟିଙ୍ଗ ବିଭାଗରେ ସ୍ୱର୍ଣ ପଦକ ଲାଭ କରିଥିବା ବେଳେ ଦିବ୍ୟ ପ୍ରସାଦ ନାୟକ କନିଷ୍ଠ ୭୬ କିଲୋ ରୁ ଅଧିକ ଫାଇଟିଙ୍ଗ ବିଭାଗରେ ସ୍ୱର୍ଣ ପଦକ ଲାଭ କରିଛନ୍ତି । ଓଡିଶା ରାଜ୍ୟ କରାଟେ ସଂଘ ତରଫରୁ ବିଜୟୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଦିଆ ଯାଇଥିବା ସ୍ଥଳେ ଖେଳାଳି ମାନଙ୍କ ଖର୍ଚ୍ଚ ବହନ କରିଥିବାରୁ ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ ଦିଆଯାଇଅଛି ।

## ସ୍ୱାମୀର ଠେଙ୍ଗା ମାଡରେ ସ୍ତ୍ରୀ ମୃତ : ଅଭିଯୁକ୍ତ ଗିରଫ

କୁଚିଣ୍ଡା, ୧୩/୬(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ମୁଣ୍ଡଲସା ଗ୍ରାମ କଲୋନୀ ପଡାରେ ସ୍ୱାମୀର ଲାଠିମାଡରେ ସ୍ତ୍ରୀର ମୃତ୍ୟୁ ହୋଇଛି । ଗୋବିନ୍ଦପୁର ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୁଣ୍ଡଲସା ଗ୍ରାମର ୱାର୍ଡମେମ୍ବର ଅଶ୍ୱିନୀ ସୁନାନୀଙ୍କ ଗୋବିନ୍ଦପୁର ଫାଣ୍ଡିରେ ଲିଖିତ ଅଭିଯୋଗ କ୍ରମେ ମୁଣ୍ଡଲସା କୋଲୋନୀ ପଡ଼ାର ପିତବାସ ନାଏକ (୨୮) ତାଙ୍କ ସ୍ତ୍ରୀ ମାନୀନି ନାଏକ(୨୮) ଙ୍କୁ ଏକ ଲାଠି ସାହାଯ୍ୟରେ ହତ୍ୟା କରିଛନ୍ତି । ପୋଲିସ୍ ଗୋବିନ୍ଦପୁର ଥାନା କେଶ ନଂ ୭୬ ତା ୧୨/୦୬/୨୫ ଦଫା ୧୦୩(୧) ବିଏନେସ୍ ରେ ମାମଲା ରୁଜୁ କରି ଅଭିଯୁକ୍ତ ପିତବାସ ନାଏକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଜାମିନ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଘରୋଇ କଳହ ଯୋଗୁଁ ହତ୍ୟାକାଣ୍ଡ ଘଟିଥିବା କୁହାଯାଇଛି ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚାଲାଣ: ୨ ଅଭିଯୁକ୍ତ ଗିରଫ

**ଟାଙ୍ଗୀ-ଚୌଦ୍ୱାର, ୧୩/୬(ନିପ୍ର):** ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା କଫିବାର୍ ନିକଟରୁ ଏକ ଗଂଜେଇଗାଡ଼ିକୁ ଚୌଦ୍ୱାର ପୁଲିସ୍ ପକ୍ଷରୁ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ଏ ନେଇ ଚୌଦ୍ୱାର ପୁଲିସ୍ ପକ୍ଷରୁ ଏକ ପ୍ରେସ୍ ମିଟ୍ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ପୁଲିସ୍ ସୂଚନା ମୁତାବକ, ଫୁଲବାଣୀ ଅଂଚଳରୁ ୨ଟି ଗାଡ଼ି ଯୋଗେ ବହୁ ପରିମାଣର ଗଂଜେଇ ଚାଲାଣ ହେଉଥିବା ନେଇ କୌଣସି ବିଶେଷ ସୂତ୍ରରୁ ଖବରପାଇ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ସମେତ ଅନ୍ୟ ପୁଲିସ୍ ଅଧିକାରୀମାନେ ଗାଡ଼ି ଦୁଇଟିର ପିଛା କରିବା ସହ ନୂଆପାଟଣା କଫିବାର ନିକଟରେ ଗୋଟେ ନୀଳ ରଙ୍ଗର ମାରୁତି ସୁଜୁକି ଫ୍ରନ୍ସ ଓଡ଼ି୩୩ଏଆର୨୨୦୦ ଓ ଅନ୍ୟ ଏକ ଧଳା ରଙ୍ଗର ଟୟୋଟା ଇନୋଭା ଓଡ଼ି୦୨ଏବି୧୪୯୪କୁ ଧରିବାରେ ସକ୍ଷମ ହୋଇଥିଲେ । ପୁଲିସ୍‌ର ଯାଂଚ୍ ପରେ ଇନୋଭା ଗାଡ଼ିରୁ ୧୯୬ ପ୍ୟାକେଟ୍ ଜରିବସ୍ତା ଯେଉଁଥିରେ ଗଂଜେଇ ଭର୍ତ୍ତି ହୋଇଥିବା ବେଳେ ମୋଟ ୧୯୮.୫୦୦କେଜି ଗଂଜେଇ ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏଥିରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ଅଜୟ କୁମାର ଛୋଟରାୟ (୩୮) ଓ ବିବେକ ରଂଜନ ପ୍ରଧାନ (୨୦) ହୋଇଥିବା ବେଳେ ସେମାନଙ୍କ ଘର ଭୁବନେଶ୍ୱର ଖଣ୍ଡଗିରି ଥାନାର ସିଁଘିପୁର ଅଂଚଳର ବୋଲି ଜଣାପଡ଼ିଥିବା ବେଳେ ଉଭୟଙ୍କୁ ଗିରଫ୍ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଚୌଦ୍ୱାର ପୁଲିସ୍ ପକ୍ଷରୁ ପ୍ରକାଶ କରାଯାଇଛି ।

# ରଥଯାତ୍ରା: ପୁରୀ ରେଳୱେ ଷ୍ଟେସନରେ ମକ୍‌ଡ୍ରିଲ



ପୁରୀ,୧୩/୬(ନିପ୍ର): ପୁରୀ ରେଳୱେ ଷ୍ଟେସନରେ ମକ୍‌ଡ୍ରିଲ । ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ଓ ଯାତ୍ରୀ ପୁରୀ ଆସିବାକୁ ଥିବାରୁ ଯଦି ଷ୍ଟେସନରେ ଆତଙ୍କବାଦୀ ଆକ୍ରମଣ ଘଟେ ଏହାକୁ କିଭଳି ମୁକାବିଲା କରିହେବ ସେ ନେଇ ଓଡ଼ିଶା ପୋଲିସ ଓ ରେଳୱେ ସୁରକ୍ଷା ବାହିନୀ ଏହି ମକ୍‌ଡ୍ରିଲ କରିଥିଲେ । ଓଡ଼ିଶା ପୋଲିସର ଛଦ୍ମ ବେଶ୍ ଧାରୀ ୩ ଜଣ ଆତଙ୍କବାଦୀ ପୁରୀ ରେଳୱେ ଷ୍ଟେସନରେ ରେଳୱେ ସୁରକ୍ଷା ବାହିନୀକୁ ଆକ୍ରମଣ କରି ଷ୍ଟେସନରେ ପ୍ରବେଶ କରିଥିଲେ । ପରେ ଆତଙ୍କବାଦୀମାନେ ଏକ ନମ୍ବର ଓ ଦୁଇ ନମ୍ବର ପ୍ଲାଟଫର୍ମରେ ଥିବା ଯାତ୍ରୀଙ୍କୁ ଗୁଳି କରିଥିଲେ । ପରେ ୩ ନମ୍ବର ପ୍ଲାଟ ଫର୍ମରେ ଥିବା ତପସ୍ୱିନୀ ଏକ୍ସପ୍ରେସକୁ ହାଇଯାକ କରିଥିଲେ । ପରେ ରେଳୱେ ପୋଲିସ ଆସି ଆତଙ୍କବାଦୀଙ୍କୁ ଧରିବାକୁ ଚେଷ୍ଟା କଲେ ହେଲେ ବିଫଳ ହେଲେ । ପରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଏସଟିଙ୍କ କମାଣ୍ଡୋମାନେ ଲୋକଙ୍କୁ ଆତଙ୍କବାଦୀଙ୍କ କବଳରୁ ରକ୍ଷା କରିଥିଲେ । ସବୁ ୩ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ । ପରେ ଅଗ୍ନିଶମ ବାହିନୀ ଆସି ରେଳୱେ ଷ୍ଟେସନରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ । ଓଡ୍ରାଫ ଟିମ୍ ଆସି ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା । ତେବେ ଏହି ମକ ଡ୍ରିଲ ଯୋଗୁ ଆତଙ୍କବାଦୀ ଆକ୍ରମଣରେ କିଭଳି ମୁକାବିଲା କରିହେବ ସେ ନେଇ ପ୍ରସ୍ତୁତି ହୋଇଥିବା ଆରପିଏଫ୍ ଓ ଜିଆରପି ଅଧିକାରୀ କହିଛନ୍ତି ।

■ ଏଗ୍ରିମେଣ୍ଟ ଶେଷ ହୋଇଥିବା ମୁଖ୍ୟମନ୍ତ୍ରୀ ସଡ଼କ ପାଇଁ ଜାଗା ନାହିଁ

# ରାସ୍ତା ପାଇଁ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ବିକ୍ଷୋଭ



**ନିରାକାରପୁର,୧୩/୬(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ନିକଟସ୍ଥ ଓଳସିଂହ ପଂଚାୟତ ଡମଣଭୂମି ଖଜୁରୀଆ ମୌଜାରେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଜମିରେ ଭାରତୀୟ ଗ୍ରୁପ, ରିଲାନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ ଓ ଭୁବନେଶ୍ୱରୀ ଫୁଡ୍ ଏଣ୍ଡ ବେଭେରେଜ ପ୍ରାଇଭେଟ୍ ଲିମିଟେଡର ଦ୍ୱାରା ଗତ ୫ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କ୍ୟାମ୍ପା କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ତାଙ୍କ ଗ୍ରାମକୁ ପ୍ରସ୍ତାବିତ ରାସ୍ତା ଜମିକୁ କମ୍ପାନୀକୁ ଦିଆଯାଇଥିବା ବିରୋଧରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଆସି ଚାଲୁଥିବା କାର୍ଯ୍ୟକୁ ବନ୍ଦ କରି କାର୍ଯ୍ୟରତ ମେସିନକୁ ବାହାରକୁ ବାହାର୍ କରିଥିଲେ । ଘଟଣାସ୍ଥଳକୁ ଜଂକିଆ ପୁଲିସ ଆଇଆଇସି ସୁଶାନ୍ତ କୁମାର ବେହେରା ଓ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର ଆସି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ସୂଚନାଯୋଗ୍ୟ କି ଗ୍ରାମ୍ୟ ଉନ୍ନୟନ ବିଭାଗ ଗୋଡ଼ିପଡା ମୋଟା ଛକ ୧୬ ନଂ ଜାତୀୟ ରାଜପଥ ଠାରୁ ଖଜୁରୀଆ ମୌଜା ଦେଇ ଡମଣଭୂମିକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗତ ବର୍ଷ ବ୍ଲକ ପ୍ରଶାସନ ଅନୁମତି ଓ ଜାଗା ହସ୍ତାନ୍ତର ପରେ ୫ କିଲୋମିଟର ୭୦୦ ମିଟର ରାସ୍ତାକୁ ପ୍ରାୟେ ୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର କରାଯାଇ ଚଳିତ ବର୍ଷ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଠିକାଦାର ଏଗ୍ରୀମେଣ୍ଟ ଶେଷ କରିଥିବା ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା ଜଣାଇଥିବା ବେଳେ କେଉଁ ପରିସ୍ଥିତିରେ ଓ ପ୍ରଶାସନର ତାଳ ମେଳ ଅଭାବରୁ ଉକ୍ତ ଜାଗାକୁ କିପରି ପୁନର୍ବାର ଇଡକୋକୁ ଉକ୍ତ ରାସ୍ତା ଜମିକୁ ହସ୍ତାନ୍ତର କରାଗଲା ସେ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଉତ୍ୟକ୍ତ ଗ୍ରାମବାସୀଙ୍କ ହଂଗାମା ଫଳରେ କିଛି ସମୟ କାର୍ଯ୍ୟ ବନ୍ଦ ହୋଇଥିବାବେଳେ ପୁନର୍ବାର ଉକ୍ତ କାର୍ଯ୍ୟ ଚାଲିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଲାଗି ରହିଥିବାବେଳେ ଜିଲ୍ଲା ପ୍ରଶାସନ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବାର ଆବଶ୍ୟକ ରହିଛି ବୋଲି ସ୍ଥାନୀୟ କିଛି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ସର୍ଭେ ବାହାନାରେ ଲୁଟ୍: ୨ ଗିରଫ

**କୁଚିଣ୍ଡା,୧୩/୬(ନିପ୍ର):** ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ସରକାରୀ ଘର ସର୍ଭେ ବାହାନାରେ ଜଣେ ବ୍ୟକ୍ତିଙ୍କ ଘରୁ ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟ ଅଭିଯୋଗରେ ମହୁଲପାଲି ପୋଲିସ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରିଛି । ସେମାନେ ହେଲେ ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ସବଡେଗା ଗ୍ରାମର ସମୀର ସାହୁ(୪୦) ଓ କିଞ୍ଜିରକେଲା ଥାନା କରମଡିହି ମନ୍ଦିରପଡା ଗ୍ରାମର ସଞ୍ଜୁଲା ଖାଲକୋ(୪୦) । ସନ୍ତୋଷ କୁମାର ନାଏକଙ୍କ ଏତଲା ଆଧାରରେ ପୋଲିସ ମହୁଲପାଲି ଥାନାରେ ଦଫା ୩୩୩/୩୦୫(ଏ)/୩(୫)ବିଏନଏସ (ନଂ.୭୫/୨୫)ରେ ମାମଲା ରୁଜୁ କରି ଶୁକ୍ରବାର ସନ୍ଧ୍ୟା ରେ କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ଲୁଟେରାଙ୍କ ଠାରୁ ଏକ ସୁପର ସ୍ପ୍ଲେଣ୍ଡର ବାଇକ,ଏକ ସମ୍ବଲପୁରି ସାଢୀ,ସୁନା ନେକଲେସ,ହଳେ ସୁନା କାନଫୁଲ,୨ଗୋଟି ରୂପା ଚେନ,୨ଟି ମୋବାଇଲ ଫୋନ ଏବଂ ଏକ ବ୍ୟାଙ୍କ ପାସବୁକ ଜବତ କରିଛି ।

# ଆଶାକର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ: ସଙ୍ଘ ପକ୍ଷରୁ ଥାନାରେ ଦ୍ୱାରସ୍ଥ

କଳାହାଣ୍ଡି, ୧୩/୬ : କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଜନୈକା ଆଶାକର୍ମୀ ସଂଯୁକ୍ତା ନାଏକଙ୍କୁ ଡାକ୍ତରଖାନା ମହିଳା ଶୌଚାଳୟରେ ଜଣେ ଅସାମାଜିକ ଯୁବକ ବଳାତ୍କାର ଉଦ୍ୟମ କରିଥିବା ନେଇ ପୀଡ଼ିତା ଗତ ୪ ତାରିଖରେ କୋକସରା ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତ ଯୁବକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ । ତେବେ ଘଟଣାର ୯ ଦିନ ପରେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଓ କାର୍ଯ୍ୟାନୁଷ୍ଠାନ ଦାବିରେ କୋକସରା ଆଶାକର୍ମୀ ସଙ୍ଘ ନେତ୍ରୀଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ ନ୍ୟାୟ ପ୍ରଦାନ ଦାବିରେ ପୁଣିଥରେ ଥାନାର ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/29, ତା.10.06.2025ରିଖ

(1) ଟେଣ୍ଡର ସଂ. eTender-NorthKUR-109-2025, ତା.04.06.2025ରିଖ

**ବିବରଣୀ :** RDSO ମାନକ ଅନୁଯାୟୀ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଂଜୁରି ରୋଡ଼-ନୂଆ ଗଡ଼ମଧୁପୁର ସେକ୍ସନ ମଧ୍ୟରେ 25T ଲୋଡିଙ୍ଗର ବର୍ତ୍ତମାନର ପ୍ଲେଟ୍ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନରେ PSC ସ୍ଲାବ୍‌କୁ ଲୋଡ୍ (Load) କରିବା ନିମନ୍ତେ (8 ସଂଖ୍ୟକ) ବ୍ରିଜ୍‌ର ମୂଳଦୁଆ, ସେତୁସ୍ତମ୍ଭ, ସେତୁର ଶେଷଭାଗ ଏବଂ ଉପସଂରଚନା ମୂଳତତ୍ତ୍ୱ (Element)ର ମଜବୁତି ଏବଂ ଗଠନ ସଂକ୍ରାନ୍ତୀୟ ପର୍ଯ୍ୟାପ୍ତତା (Structural Adequacy)ର ମୂଲ୍ୟାଙ୍କନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 115.14 ଲକ୍ଷ, EMD : ₹ 2,07,600/-

(2) ଟେଣ୍ଡର ସଂ. eTender-EastKUR-108-2025, ତା.04.06.2025ରିଖ

**ବିବରଣୀ :** RDSO ମାନକ ଅନୁଯାୟୀ ଖୋର୍ଦ୍ଧା ରୋଡ଼ ମଣ୍ଡଳର କେନ୍ଦ୍ରାପଡ଼ା ରୋଡ଼-ଭୁବନେଶ୍ୱର ନୂଆ ଏବଂ କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟରେ 25T ଲୋଡିଙ୍ଗର ବର୍ତ୍ତମାନର ପ୍ଲେଟ୍ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନରେ PSC ସ୍ଲାବ୍‌କୁ ଲୋଡ୍ (Load) କରିବା ନିମନ୍ତେ (4 ସଂଖ୍ୟକ) ବ୍ରିଜ୍‌ର ମୂଳଦୁଆ, ସେତୁସ୍ତମ୍ଭ, ସେତୁର ଶେଷଭାଗ ଏବଂ ଉପସଂରଚନା ମୂଳତତ୍ତ୍ୱ (Element)ର ମଜବୁତି ଏବଂ ଗଠନ ସଂକ୍ରାନ୍ତୀୟ ପର୍ଯ୍ୟାପ୍ତତା (Structural Adequacy)ର ମୂଲ୍ୟାଙ୍କନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 51.14 ଲକ୍ଷ, EMD : ₹ 1,02,300/-

(3) ଟେଣ୍ଡର ସଂ. eTender-CentKUR-111-2025, ତା.04.06.2025ରିଖ

**ବିବରଣୀ :** RDSO ମାନକ ଅନୁଯାୟୀ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିର୍ଗୁଣ୍ଡି-ତାଳଚେର, ରାଜ ଆଠଗଡ଼-ବାରଙ୍ଗ, କପିଳାସ ରୋଡ଼-ଶାଳଗାଁ ଏବଂ ତାଳଚେର-ସମ୍ବଲପୁର ସେକ୍ସନ ମଧ୍ୟରେ 25T ଲୋଡିଙ୍ଗର ବର୍ତ୍ତମାନର ପ୍ଲେଟ୍ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନରେ PSC ସ୍ଲାବ୍‌କୁ ଲୋଡ୍ (Load) କରିବା ନିମନ୍ତେ (4 ସଂଖ୍ୟକ) ବ୍ରିଜ୍‌ର ମୂଳଦୁଆ, ସେତୁସ୍ତମ୍ଭ, ସେତୁର ଶେଷଭାଗ ଏବଂ ଉପସଂରଚନା ମୂଳତତ୍ତ୍ୱ (Element)ର ମଜବୁତି ଏବଂ ଗଠନ ସଂକ୍ରାନ୍ତୀୟ ପର୍ଯ୍ୟାପ୍ତତା (Structural Adequacy)ର ମୂଲ୍ୟାଙ୍କନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 85.94 ଲକ୍ଷ, EMD : ₹ 1,71,900/-

ଶେଷ ହେବା ଅବଧି : 180 ଦିନ (ସମସ୍ତ କ୍ରମ ସଂ. ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.06.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-233/Q/25-26


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ